ଧରିତ୍ରୀ
DHARITRI
November 17-23, 2019 ₹ 2/-

# ଛୁଟିଦିନ



# ପାଣି
## କିଛି କାହାଣୀ


ପାଣି, ଯାହାବିନା ଜୀବନ ଅସମ୍ଭବ। ଯାହାକୁ ନେଇ ରହିଛି ଅନେକ କଥା, ଅନେକ କାହାଣୀ...

୩
ପ୍ରଚ୍ଛଦ ପ୍ରସଙ୍ଗ

ସହରଠୁ ଦୂର
୧୩

୮/୯
ସିନେମା





## ବିଶ୍ୱରେ ପାଳିତ ହେଉଥିବା କିଛି ଅଜବ ଦିବସ



✲ ଜାନୁୟାରୀ ୩ ତାରିଖକୁ ବିଶ୍ୱର ବିଭିନ୍ନ ସ୍ଥାନରେ ଶୟନ ଦିବସ ଭାବେ ପାଳନ କରାଯାଏ। ଏହି ଦିନ ଲୋକମାନେ ନିଜ ଇଚ୍ଛା ମୁତାବକ ଯେତେ ସମୟ ପାରନ୍ତି ଶୋଇକରି ବିତେଇଥାନ୍ତି।

✲ ଫେବୃୟାରୀ ୯ ତାରିଖକୁ ବିଶ୍ୱ ଦାନ୍ତବିନ୍ଧା ଦିବସ ଭାବେ ପାଳନ କରାଯାଏ। ତେବେ ଲୋକମାନଙ୍କ ମଧ୍ୟରେ ଦାନ୍ତ ସମ୍ବନ୍ଧୀୟ ସ୍ୱଚ୍ଛତା ଏବଂ ସୁସ୍ଥ ଦାନ୍ତ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସ ପାଳନ କରାଯାଇଥାଏ।

✲ ଜୁନ୍ ୨କୁ ବିଶ୍ୱର କେତେକ ସ୍ଥାନରେ ଅଫିସରୁ ଶୀଘ୍ର ଘରକୁ ଯିବା ଦିବସ ଭାବେ ପାଳନ କରାଯାଏ। ଏହି ଦିନ କର୍ମକର୍ତ୍ତାମାନେ ଅଫିସରୁ ଶୀଘ୍ର ଘରକୁ ଯାଇ ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିଥାନ୍ତି, ଯାହା ଦ୍ୱାରା ସେମାନଙ୍କ କାର୍ଯ୍ୟ ଦକ୍ଷତାରେ ବୃଦ୍ଧି ଘଟିଥାଏ ବୋଲି ଗବେଷଣାରୁ ଜଣାଯାଇଛି।

✲ ଜୁନ ୨୦ ରୁ ୨୬ ମଧ୍ୟରେ ଆମେରିକାରେ ଏଭଳି ଏକ ଦିନ ପାଳନ କରାଯାଏ, ଯେଉଁଦିନ ଲୋକମାନେ ନିଜ ପୋଷା କୁକୁରକୁ ଅଫିସକୁ ନେଇ ଯାଇଥାନ୍ତି। ତେବେ ଲୋକମାନଙ୍କ ମଧ୍ୟରେ ପୋଷାକୁକୁରକୁ ପୋଷ୍ୟ ଭାବେ ଗ୍ରହଣ କରିବା ଲାଗି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିନଟି ପାଳନ କରାଯାଇଥାଏ।

✲ ଡିସେମ୍ବର ୭କୁ ବିଭିନ୍ନ ସ୍ଥାନରେ ଚିଠି ଲେଖା ଦିବସ ଭାବେ ପାଳନ କରାଯାଏ। ଇମେଲ ଓ ଟେଲିଗ୍ରାଫ୍‌ର ଅଗ୍ରଗତି ଫଳରେ ଲୋକମାନେ କାଗଜ କଲମରେ ଲେଖିବା ପ୍ରାୟ ବନ୍ଦ କରିଦେଲେଣି। ତେଣୁ ଲୋକଙ୍କୁ ପୁଣି କାଗଜ କଲମ ପ୍ରତି ଆକର୍ଷିତ କରିବା ପାଇଁ ଏହି ଦିନଟିକୁ ପାଳନ କରାଯାଇଥାଏ, ଯେଉଁଦିନ ଲୋକମାନେ ନିଜ ପ୍ରିୟଜନଙ୍କୁ ହାତଲେଖା ଚିଠି ପ୍ରଦାନ କରିଥାନ୍ତି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୧୭-୨୩

**ମେଷ**
ଗୃହୋପକରଣ କ୍ରୟ କରିପାରନ୍ତି। କାମରେ ସହଯୋଗ ପାଇବେ। ବନ୍ଧୁଙ୍କୁ ଭେଟିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ। ପକେଟ୍‌ମାର ପ୍ରତି ସତର୍କ ରୁହନ୍ତୁ। ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ। ରୋଜଗାର ପ୍ରତି ଧ୍ୟାନ ଦେବେ। ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ।

**ବୃଷ**
ଆର୍ଥିକ ଅନଟନ। ମନ ବିଷାଦିତ ରହିବ। ରାଜନୀତିରେ ସମସ୍ୟା। ଜମିଜମା ବିବାଦ ବୃଦ୍ଧି। ଭ୍ରମଣ ସୁଯୋଗ ଜୁଟିପାରେ। କ୍ଳାନ୍ତି ଅନୁଭବ କରିବେ। ପାରିବାରିକ ତିକ୍ତତାର ସମାପ୍ତି। ଅତିଥି ଚର୍ଚ୍ଚାରୁ ଆନନ୍ଦ ।

**ମିଥୁନ**
ଚେଷ୍ଟା ଅସମ୍ପୂର୍ଣ୍ଣ ରହିଯିବ। ବନ୍ଧୁଟି ସ୍ୱାର୍ଥବାଦୀ ହେବେ। କାମରେ ସତର୍କ ରୁହନ୍ତୁ। ପ୍ରେମ ବ୍ୟାପାରରେ ଫସିଯିବେ। ସମାଲୋଚିତ ହୋଇପାରନ୍ତି। ରାଜନୀତିରେ ନେତୃତ୍ୱ ନେବେ। ବ୍ୟବସାୟିକ ସଫଳତା।

**କର୍କଟ**
ମନ ଖୁସିରହିବ। ବ୍ୟବସାୟରୁ ଲାଭ। ପରୋପକାରରୁ ପ୍ରଶଂସା। ଦୈହିକ ଦୁର୍ବଳତା ଦେଖାଦେବ। ଲକ୍ଷ୍ୟସ୍ଥଳକୁ ଯାତ୍ରା କରିପାରନ୍ତି। ଲେଖାପଢାରୁ ଶୁଭଫଳ। ଶିଳ୍ପ, ବାଣିଜ୍ୟରେ ଉନ୍ନତି।

**ସିଂହ**
ଅନ୍ୟମନସ୍କ ରହିପାରନ୍ତି। କଳହର ସମ୍ମୁଖୀନ ହେବେ। ମିଥ୍ୟା ଅଭିଯୋଗ ଆସିବ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ। ସମସ୍ୟାର ସମାଧାନ। ଅର୍ଥ ଆବଶ୍ୟକ ହୋଇପାରେ। ଲୋକସମ୍ପର୍କ ବଢ଼ିବ।

**କନ୍ୟା**
ବିସ୍ମୟଜନକ ଖବର ପାଇବେ। ସହକର୍ମୀଙ୍କ ଅସହଯୋଗ। ସନ୍ଦେହ ଓ ଭୁଲ୍ ବୁଝାମଣାରୁ ସମସ୍ୟା। ଶାରୀରିକ ପୀଡ଼ା। ବନ୍ଧୁଙ୍କୁ ସାହାଯ୍ୟ ମାଗିବେ। ଠକାମିରେ ପଡିପାରନ୍ତି। ଭ୍ରମଣ ସୁଯୋଗ ପାଇବେ।

**ତୁଳା**
ମିଥ୍ୟା ଗୁଜବ ଶୁଣିପାରନ୍ତି। ନେତୃତ୍ୱରୁ ପ୍ରଶଂସା। ଚେଷ୍ଟା ସଫଳ ହେବ। ସନ୍ତାନ ହେତୁକ ଆଘାତ। ଅବାଟରେ ଧନ ଖର୍ଚ୍ଚ। ସଙ୍ଗଦୋଷରୁ ସମାଲୋଚନା। ଜନ ସମର୍ଥନ ପାଇବେ। ଆଶଙ୍କା କ୍ରମଶଃ ଦୂରେଇଯିବ।

**ବିଛା**
ପରିବାରରେ ବୁଝାମଣା ନ ହୋଇପାରେ। କଳା,ସାହିତ୍ୟ କ୍ଷେତ୍ରରୁ ପ୍ରଶଂସା। କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବ। ଦୁଃସାହସିକ ପଦକ୍ଷେପ ନେଇ ପାରନ୍ତି। ଅର୍ଥ ଓ ସମ୍ମାନ ପାଇବେ। ପ୍ରଶାସନିକ ସଫଳତା। ବନ୍ଧୁ ମିଳନରୁ ଆନନ୍ଦ।

**ଧନୁ**
ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ଶୁଭ ଖବର ପାଇବେ। କର୍ମକ୍ଷେତ୍ରରେ ବ୍ୟସ୍ତତା ବୃଦ୍ଧି। ସହଯୋଗ ପାଇବେ ନାହିଁ। ଅଧ୍ୟାପନାରେ ଉନ୍ନତି। ନୂତନ କାର୍ଯ୍ୟାରମ୍ଭ। ବ୍ୟବସାୟ, ପରିବହନ ପାଇଁ ବହୁତ ଭଲ।

**ମକର**
ସମସ୍ୟା ସମାଧାନ। ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ପାରିବାରିକ ସଦ୍ଭାବ ବୃଦ୍ଧି। ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଦ୍ରବ୍ୟ ନଷ୍ଟର ଆଶଙ୍କା। ଅନ୍ୟମନସ୍କତାରୁ ସମସ୍ୟା। ଭଲ କାମ କରି ନିନ୍ଦା ଶୁଣିବେ।

**କୁମ୍ଭ**
ମାନସିକ ସୁସ୍ଥତା ରହିବ। ଯାତ୍ରାରେ ଲକ୍ଷ୍ୟପୂରଣ ହେବ। ବାନ୍ଧବୀ ଅନୁରକ୍ତି ପ୍ରକାଶ କରିବେ। ଅତୀତ ଘଟଣାର ଅନୁଚିନ୍ତା। ଖର୍ଚ୍ଚାନ୍ତ ହୋଇ ପାରନ୍ତି। ମତଭେଦ ଘଟିପାରେ। ଦୂରସ୍ଥାନକୁ ଯାତ୍ରା କରିବେ।

**ମୀନ**
ପ୍ରତ୍ୟୁଷ ଯାତ୍ରାରେ ସଫଳତା। ସୌଖୀନ ଦ୍ରବ୍ୟ କ୍ରୟ। ଅଶୌଚ ଖବର ପାଇ ପାରନ୍ତି। ଧନହାନି ଘଟିପାରେ। ପାରିବାରିକ ସମସ୍ୟା। କଳା, ସାହିତ୍ୟରୁ ସମ୍ମାନ। ଅନିଦ୍ରା ଜନିତ କ୍ଲେଶ ।

## ରୋବୋ କରିବ ଗାର୍ଡେନିଂ

ଅତ୍ୟାଧୁନିକ ଜ୍ଞାନ କୌଶଳର ଅଗ୍ରଗତି ଫଳରେ ଆଜିକାଲି ସବୁ କାମ ଖୁବ୍ କମ୍ ସମୟରେ ଏବଂ ସହଜରେ କରାଯାଇପାରୁଛି। ଏଇ ଯେପରି ରେଷ୍ଟୁରାଣ୍ଟରେ ଆଜିକାଲି ୱେଟରଙ୍କ କାର୍ଯ୍ୟ କରୁଛନ୍ତି ରୋବୋ। ସେହିଭଳି ନିକଟରେ ବ୍ରିଟିଶ ବୈଜ୍ଞାନିକମାନେ ଏଭଳି ଏକ ରୋବୋ ନିର୍ମାଣ କରିଛନ୍ତି, ଯିଏ କି ବଗିଚାରୁ ଫୁଲ ତୋଳିବାଠାରୁ ଆରମ୍ଭ କରି ଗଛକୁ ଟ୍ରିମ୍ କରିବା ସହ ଅନ୍ୟାନ୍ୟ ବଗିଚା କାମ କରିପାରୁଛି। ଏହାର ନାଁ ରଖାଯାଇଛି 'ଟ୍ରିମ୍‌ବୋଟ୍'। ଏହି ରୋବୋରେ ମ୍ୟାପିଙ୍ଗ ଟେକ୍ନୋଲୋଜିର ଉପଯୋଗ କରାଯାଇଛି, ଯାହା କି ଆଖପାଖର ଦିଗ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରି ଠିକ୍ ଦିଗରେ ଆଗକୁ ବଢିବା ପାଇଁ ଆଦେଶ ଦେଇଥାଏ। ଏଥିରେ ବିଭିନ୍ନ ପ୍ରକାରର ସେନ୍ସର, ୫ ଯୋଡା କ୍ୟାମେରା, ଫ୍ଲେକ୍ସିବଲ ହ୍ୟାଣ୍ଡ ଏବଂ କଟିଙ୍ଗ୍ ଟୁଲ୍ ସ୍ଥାପନ କରାଯାଇଛି, ଯାହା



ସାହାଯ୍ୟରେ ରୋବୋ ଗଛରୁ ଫୁଲ ତୋଳିବା ସହ ଡାଳ ପତ୍ରକୁ ଅତି ସହଜରେ ଟ୍ରିମିଙ୍ଗ୍ କରିପାରୁଛି। ତେବେ ଏହି ରୋବୋ ଆଗାମୀ ଦିନରେ କୃଷି କ୍ଷେତ୍ରରେ କୃଷକମାନଙ୍କୁ ତଥା ଚଲାବୁଲାରେ କଷ୍ଟ ଅନୁଭବ କରୁଥିବା ବ୍ୟକ୍ତିମାନଙ୍କୁ ଗାର୍ଡେନିଂ କରିବାରେ ବେଶ୍ ସହାୟକ ହେବ ବୋଲି ରୋବୋର ନିର୍ମାଣକର୍ତ୍ତା ଏଡିନବର୍ଗ ୟୁନିଭର୍ସିଟିର ଏକ ଟିମ୍ ମତ ପ୍ରକାଶ କରିଛନ୍ତି।

## ପାଠକୀୟ

❖ଗାଁ ଦାଣ୍ଡରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପାରମ୍ପରିକ ଲୋକକଳା ଦେଖିବାକୁ ମିଳେ। ମାତ୍ର ଏହି ଲୋକକଳାକୁ ବଞ୍ଚାଇ ରଖିଛନ୍ତି ହାତଗଣତି କେତେକ ଗୋଷ୍ଠୀ। ଯେମିତି ପୌରାଣିକ ବିଷୟ ଉପରେ ଆଧାରିତ ଜାନୁଘଣ୍ଟିଆ ପରମ୍ପରା। କିନ୍ତୁ ଏବେ ଏହି ଲୋକକଳା ବିଲୁପ୍ତପ୍ରାୟ ହେବାକୁ ଲାଗିଲାଣି। ତେଣୁ ଜାନୁଘଣ୍ଟିଆ ଭଳି ଏକ ନିଆରା ପରମ୍ପରା ସମ୍ପର୍କରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ ପଢିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି 'ସେଲିବ୍ରିଟିଙ୍କ ଡର' ଏବଂ 'ଆଳୁ ଆକୃତି ହୋଟେଲ' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*–ସୁକାନ୍ତ ମହାନ୍ତି, ରେଲୱେ କଲୋନୀ, ପୁରୀ*

❖ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'କଣ୍ଠେ ତୁଳସୀ ମୁଖେ ରାମ' ଏକ ଉଚ୍ଚକୋଟୀର ଆଲେଖ୍ୟ ଥିଲା। ଏଥିରୁ ଓଡ଼ିଶାର ଏକ ପାରମ୍ପରିକ ଲୋକକଳା ଯାହାର ନାଁ ହେଉଛି ଜାନୁଘଣ୍ଟିଆ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିଲା। 'ବଞ୍ଜାରା ଜୁଏଲେରି' ପାଠରୁ ବି ଫ୍ୟାଶନର ଏକ ନୂଆ ଟ୍ରେଣ୍ଡ ସମ୍ପର୍କରେ ଜାଣିହେଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ନ୍ୟାଟ୍ୟକାର ତଥା ଔପନ୍ୟାସିକ ସ୍ୱଦେଶ ଦୀପକଙ୍କ ଜୀବନୀ ସମ୍ପର୍କରେ ଅବଗତ ହୋଇ ଖୁସି ଲାଗିଲା।

*–ଜଗମୋହନ ସେନାପତି, ପର୍ଲା, କଳାହାଣ୍ଡି*

❖ସୃଜନ ପୃଷ୍ଠାରେ ସ୍ଥାନିତ 'ପ୍ରେମମାୟା' ନାମକ ଗପଟି ମୋ ମନ କିଣିନେଲା। ସେହିପରି ସିନେମା ପୃଷ୍ଠାରେ ପ୍ରକାଶିତ ହୋଇଥିବା 'ଅରିନ୍ଦମ୍ ଯାହା ଚାହୁଁଥିଲେ', 'ଦ୍ରୌପଦୀ ହେବେ ଦୀପିକା' ଏବଂ 'କଥା ରଖିଲେ ଅକ୍ଷୟ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ବେଶ୍ ମଜାଦାର୍ ଥିଲା। ଅନ୍ୟପକ୍ଷେ ପ୍ରଥମ ରୋଜଗାର ସ୍ତମ୍ଭରୁ ଅଧ୍ୟାପକ ତଥା ପ୍ରାବନ୍ଧିକ ଡ.ଭଗବାନ ପଟେଲଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ବେଶ୍ ଛୁଇଁଗଲା।

*–ଲିପ୍ସିତା ମହାନ୍ତି, ଲକ୍ଷ୍ମୀସାଗର, ଭୁବନେଶ୍ୱର*

❖'ଫଟୋ ସତ ଲାଗେ ମିଛ' ନାମକ ପାଠଟି ସତରେ ବେଶ୍ ମଜାଦାର୍ ହୋଇପାରିଥିଲା। ସେହିପରି ସାଥୀର ଉତ୍ତରଗୁଡ଼ିକ ବି ଭାରି ମଜାଳିଆ ଲାଗୁଥିଲା। ମଡେଲ୍ ମିରର୍‌ରେ ଭାରତୀ ମଧ୍ୟ ବେଶ୍ ସୁନ୍ଦରୀ ଲାଗୁଥିଲେ। ପ୍ରାଚୀନ ମନ୍ଦିରର ସହର ଅବନ୍ତିପୁର ସମ୍ପର୍କରେ ବି ଅନେକ ଅଜଣା କଥା ଜାଣିହେଲା।

*–ପଙ୍କଜା ସେଠୀ, ସମ୍ବଲପୁର*

❖ବିବିଧା ପୃଷ୍ଠାରେ ସ୍ଥାନିତ 'କେଶହୀନ କନିଆ' ଏବଂ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'କୁକୁର ପାଳଟିଛି କିଙ୍ଗ ଅଫ୍ ବାଲାନ୍ସ', 'ତାଳଗଛ ଚଢ଼ା ପ୍ରତିଯୋଗିତା' ଓ 'ବହୁମୂଲ୍ୟ କଙ୍କଡ଼ା ରକ୍ତ' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ଶୁଆଟିଏ ଚୁମ୍ବନରୁ କେମିତି ତା'ର ସାଥୀ ଚୟନ କରିଥାଏ, ତାହା ବି ଏଥରର ଛୁଟିଦିନରୁ ପଢ଼ି ଜାଣିହେଲା।

*–ଦମୟନ୍ତୀ ସାହୁ, ବଲାଙ୍ଗୀର*

## ବିଶେଷ ଚିଠି



ଛୁଟିଦିନ ପରି ପତ୍ରିକାଟେ ମୁହିଁ
ଦେଖୁନାହିଁ କେଉଁଠାରେ
ନାନା ଲେଖା ସହ ଧରିତ୍ରୀ ସାଥେ
ଆସେ ପ୍ରତି ରବିବାରେ।
ଚାତକ ପରାଏ ଚାହିଁ ବସିଥାଏ
ପ୍ରିୟ ଛୁଟିଦିନ ପାଇଁ
ପଢ଼ିଲେ ଜାଣିବେ କିପରି ହୋଇଛି
କଦାପି ଭୁଲିବେ ନାହିଁ।

*–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



# ପାଣି କିଛି କାହାଣୀ

ହିନ୍ଦୁ ଧର୍ମରେ ପାଣି ବା ଜଳକୁ ଅତ୍ୟନ୍ତ ପବିତ୍ର ବୋଲି ମନେ କରାଯାଏ। ପାଣି କେବେ ଅପବିତ୍ର ହୁଏନା। ତା' ପରିବର୍ତ୍ତେ ପାଣି ହିଁ ସମସ୍ତ ଅପବିତ୍ରକୁ ପବିତ୍ର କରେ। ବିଶ୍ୱାସ ଅଛି ସକାଳେ ଉଠି ନଦୀଜଳରେ ସ୍ନାନ କରି ଭଗବାନ ପୁଣ୍ଡରୀକାକ୍ଷଙ୍କୁ ସ୍ମରଣ କଲେ ସବୁ ପାପ ଧୌତ ହୋଇଥାଏ। ହିନ୍ଦୁ ଧର୍ମରେ ରହିଛି ସପ୍ତନଦୀର ପରମ୍ପରା। ଏହି ସପ୍ତନଦୀର ଜଳରେ ସ୍ନାନକଲେ ପାପ ସ୍ପର୍ଶ କରିପାରେନା। ସେଥିପାଇଁ ନୈଷ୍ଠିକ ହିନ୍ଦୁ ଧର୍ମାବଲମ୍ବୀଟିଏ ଏକ ସଙ୍ଗରେ ସପ୍ତନଦୀରେ ସ୍ନାନ କରିପାରେ ନାହିଁ ସିନା। ସେ ନିଜର ଗାଁ ନଈରେ ମଧ୍ୟ ସପ୍ତନଦୀର ସ୍ପର୍ଶ ପାଇଥାଏ। ଆଉ ସପ୍ତ ନଦୀମାତୃକାଙ୍କୁ ସ୍ମରଣ କରି ଗାଇଥାଏ– ଗଙ୍ଗେ ଚ ଜମୁନେ ଚୈବ ଗୋଦାବରୀ ସରସ୍ୱତୀ/ନର୍ମଦେ ସିନ୍ଧୁ କାବେରୀ ଜଳେସ୍ମିନ୍ ସନ୍ନିଧିଂ କୁରୁ। ଅର୍ଥାତ୍, ମୁଁ ଏହି ସପ୍ତନଦୀଙ୍କ ଜଳରେ ସ୍ନାନ କଲି। ତେଣୁ ଏଥିରୁ ଗୋଟିଏ କଥା କୁହାଯାଇପାରିବ ଯେ, ଜଳ କେବଳ ବାହ୍ୟ ଶରୀରକୁ ପରିଷ୍କାର କରେନା; ଏହା ମନକୁ ନିର୍ମଳ କରିଥାଏ। ହୃଦୟରେ ପବିତ୍ରତା ଭରିଦେଇଥାଏ।

**ଜଳରୁ ଆରମ୍ଭ ଜୀବନ :** ଆମେ ସାଧାରଣତଃ କହୁ ଯେ, ଜଳ ହିଁ ଜୀବନ। ଜଳ ବିନା ଜୀବନ ବଞ୍ଚିବା ଅସମ୍ଭବ। ତେବେ ଏକଥା ବି ସତ ଯେ, ଜଳରୁ ଆରମ୍ଭ ହୋଇଛି ଜୀବନ। ହିନ୍ଦୁଧର୍ମ ସିଧାସଳଖ ଏଇକଥା କହେ ଯେ, ଯେତେବେଳେ ପ୍ରଳୟ ଆସେ ସେତେବେଳେ ସମଗ୍ର ବ୍ରହ୍ମାଣ୍ଡ ଜଳମଗ୍ନ ହୋଇଯାଏ। ଭଗବାନ ବିଷ୍ଣୁ ତାଙ୍କ ନାଭିରୁ ବ୍ରହ୍ମାଙ୍କୁ ଉତ୍ପନ୍ନ କରନ୍ତି। ଆଉ ବ୍ରହ୍ମା ପୁଣିଥରେ ଏକ ନୂଆ ସୃଷ୍ଟି ସର୍ଜନା କରିଥାନ୍ତି। ବିବର୍ତ୍ତନବାଦରେ ଡାରୱିନ୍ ମଧ୍ୟ କହିଛନ୍ତି ଯେ, ପ୍ରଥମେ ଜଳରେ ଏକକୋଷୀ ଜୀବ ଆମିବାର ସୃଷ୍ଟିହେଲା। ପରେ ଏହି ଆମିବାରୁ ହିଁ ସକଳ ଜୀବଜଗତର ଆରମ୍ଭ।

**ୱାଟର ଫ୍ୟାକ୍ଟ :** ପୃଥିବୀ ଜଳରୁ ତିଆରି। ଆଗ ଜଳ। ଜଳରୁ ହିଁ ମାଟିର ସୃଷ୍ଟି। କୁହାଯାଏ ପୃଥିବୀରେ ତିନିଭାଗ ଜଳ। ଆଉ ଏକ ଭାଗ ହେଉଛି ସ୍ଥଳ ବା ମାଟି। ତଥ୍ୟ ଅନୁଯାୟୀ, ଭୂଭାଗର ୭୦ ପ୍ରତିଶତ ହେଉଛି ଜଳ। ସେଥିରୁ ୯୭ ଭାଗ ହେଉଛି ଲୁଣିପାଣି। ଲୁଣି ପାଣିରେ କେବଳ ଲୁଣ ନଥାଏ; ସେଥିରେ ନାନାଦି କିସମର ମିନେରାଲ ବା ଖଣିଜ ମିଶିକରି ରହିଥାଏ। ଲୁଣି ପାଣିକୁ କେଉଁଠି ପାନୀୟ ଜଳ ଭାବରେ ବ୍ୟବହାର କରାଯାଏ ନାହିଁ। ଅବଶ୍ୟ କେତେକ ସ୍ଥଳରେ ଲୁଣିପାଣିରୁ ଲବଣ

**ପାଣି, ଯାହାବିନା ଜୀବନ ଅସମ୍ଭବ। ଯାହାକୁ ନେଇ ରହିଛି ଅନେକ କଥା, ଅନେକ କାହାଣୀ...**

ଅଂଶକୁ ବାହାର କରାଯାଇ ତାହାକୁ ପାନୀୟ ଉପଯୋଗ କରାଯାଇପାରେ। ମାତ୍ର ତାହା ବ୍ୟୟ ସାପେକ୍ଷ। ହିମବାହ ବା ଗ୍ଲାସିଅରକୁ ଏକ ଜଳଉତ୍ସ ଭାବରେ ବିବେଚନା କରାଯାଏ। ତାହାର ପରିମାଣ ହେଉଛି ପୃଥିବୀରେ ଥିବା ଜଳ ପରିମାରଣର ମାତ୍ର ଦୁଇ ପ୍ରତିଶତ। ବରଫକୁ ଫ୍ରେଶ୍ ୱାଟର ବା ଶୁଦ୍ଧଜଳ ଭାବରେ ବିବେଚନା କରାଯାଇଥାଏ। ତେବେ ଏଯାବତ ବିଶ୍ୱର କୌଣସି ସ୍ଥାନରେ ବରଫକୁ ପାନୀୟ ଜଳ ଭାବରେ ବ୍ୟବହାର କରାଯାଉଥିବା ଜଣାଯାଇନାହିଁ। ସମଗ୍ର ବିଶ୍ୱର ମଣିଷ, ଜୀବଜନ୍ତୁ ଯେଉଁ ଜଳକୁ ବିନା ଦ୍ୱିଧାରେ ପିଇପାରନ୍ତି ତାହାକୁ ପାନୀୟ ଜଳ କୁହାଯାଇଥାଏ। ଜାଣିଲେ ଆମେ ଆଶ୍ଚର୍ଯ୍ୟ ହେବା ଯେ, ପୃଥିବୀରେ ଯେତେ ଜଳଅଛି ତାହାର ଏକ ପ୍ରତିଶତରୁ କମ୍ ହେଉଛି ପାନୀୟ ଜଳର ପରିମାଣ। ସେହି ଏକ ପ୍ରତିଶତରୁ କମ୍ ପରିମାଣର ପାନୀୟ ଜଳକୁ ମଣିଷ ପିଉଛି। ସେଥିରେ ଖାଦ୍ୟ ପ୍ରସ୍ତୁତ କରୁଛି। ସ୍ନାନଶୌଚ ଆଦି କାର୍ଯ୍ୟ କରୁଛି। ସେହି ପାଣିକୁ ପଶୁପକ୍ଷୀ ପିଉଛନ୍ତି। ତାହାକୁ ଗ୍ରହଣ କରି ଗଛ ବଢୁଛି। ସେହି ପାଣିରେ ଶିଳ୍ପ କାରଖାନା ଚାଲୁଛି।

**ପ୍ରଥମ ପାଣି ବିଶୋଧନ :** ଏବେ ଘରେଘରେ ଫିଲଟର୍। ପାଣିକୁ ତାହା ନିମିଷକରେ ବିଶୋଧନ କରୁଛି। ଫଳରେ ଆମେ ଦୂଷିତ ପାଣି ପିଇ ନିଜକୁ ବିପଦରେ ପକାଉନାହାନ୍ତି। ମାତ୍ର ଦିନଥିଲା ଯେତେବେଳେ ଲୋକମାନେ ସିଧାସଳଖ ପାଣି ପିଉଥିଲେ। ବର୍ଷା ହେଉଥିବା ବେଳେ ବର୍ଷାଜଳ ପିଉଥିଲେ। ମାତ୍ର ଅନ୍ୟ ସମୟରେ ମାଟିରେ ଜମିଥିବା ପାଣି ପିଇ ନିଜର ତୃଷ୍ଣା ମେଣ୍ଟାଉଥିଲେ। ସେମାନଙ୍କୁ ବିଶୋଧନର ତରିକା ଜଣା ନ ଥିଲା। ଖୁବ୍ କମ୍ ଲୋକ ହୁଏତ ଏକଥା ଜାଣିଥିବେ ଯେ, କେବେ ପ୍ରଥମେ ମଣିଷ ପାଣି ବିଶୋଧନର ତରିକା ଜାଣିଲା ? ତଥ୍ୟ ଅନୁଯାୟୀ ପ୍ରଥମେ ଇଜିପ୍ଟୀୟମାନେ ହିଁ ପାଣିକୁ ବିଶୋଧନ କରି ପିଇବା କଥା ଚିନ୍ତା କରିଥିଲେ। ଇଜିପ୍ଟର ଲୋକମାନେ ପାଣିକୁ ବିଶୋଧନ କରିବାର ତରିକା ନିର୍ଦ୍ଧାରଣ କରିଥିଲେ। ସେମାନେ ଜାଣି ପାରିଥିଲେ ଯେ, ପାଣି ଯେତେବେଳେ ଗରମ ହୁଏ ସେତେବେଳେ ଏଥିରେ ଥିବା ହାନିକାରକ ଉପାଦାନ ନଷ୍ଟ ହୋଇଯାଏ। ତେବେ ସେମାନେ ପ୍ରାଥମିକ ପର୍ଯ୍ୟାୟରେ ପାଣିକୁ ନିଆଁରେ ଗରମ କରିବା ପରିବର୍ତ୍ତେ ସୂର୍ଯ୍ୟକିରଣରେ ଗରମ କରୁଥିଲେ। ତା'ପରେ ପରେ ସେମାନେ ନିଆଁରେ ପାଣି ଗରମ କରିବାର ପଦ୍ଧତି ଜାଣିଲେ। ଫଳରେ ସୂର୍ଯ୍ୟକିରଣ ଅପେକ୍ଷା ନିଆଁର ବ୍ୟବହାର ସେମାନଙ୍କୁ ବେଶି ଭଲ ଫଳ ପ୍ରଦାନ କଲା। ଗରମ କରିବା ପରେ ସେମାନେ ତାହାକୁ ଛାଣୁଥିଲେ। ଛାଣିବା ପାଇଁ ସେମାନଙ୍କ ନିକଟରେ କୌଣସି ଛଣାଯନ୍ତ୍ର ନ ଥିଲା। ସେମାନେ ଗରମ ହୋଇଥିବା ପାଣିକୁ ପରିଷ୍କାର ବାଲିରେ ଢାଳି ତାହାକୁ ସଂଗ୍ରହ କରୁଥିଲେ। ଏପରି ଭାବରେ ହିଁ ଆରମ୍ଭ ହୋଇଥିଲା ପାଣି ବିଶୋଧନ ପ୍ରକ୍ରିୟା।

**ସାହାରାରେ ପାଣି :** ମରୁଭୂମି କ'ଣ ବୋଲି କହିଲେ ଯେଉଁ ଗୋଟିଏ ତୁରନ୍ତ ଉତ୍ତର ମିଳିଥାଏ ତାହା ହେଉଛି 'ପାଣି ନ ଥିବା ଜାଗା'। ତେବେ ମରୁଭୂମିରେ ଯେ, ପାଣି ନ ଥାଏ ତାହା ନୁହେଁ। ତେବେ ଆବଶ୍ୟକତା ଠାରୁ ବହୁଗୁଣ ସ୍ୱଳ୍ପମାତ୍ରାରେ ରହିଥାଏ। ସେଠାରେ ରହୁଥିବା ଅଧିବାସୀଙ୍କ ପାଇଁ ପାଣି ସଂଗ୍ରହ କରିବା ଠୁ ବଡ଼ କଷ୍ଟଦାୟକ ସ୍ୱପ୍ନ ଆଉ କିଛି ନ ଥାଏ। ବିଶ୍ୱର ସବୁଠାରୁ ବୃହତ୍ତମ ଉତ୍ତପ୍ତ ମରୁଭୂମି ହେଉଛି ସାହାରା ମରୁଭୂମି। ସେହି ମରୁଭୂମିର ଜଣେ ୨୬ ବର୍ଷୀୟା ମହିଳା ହେଉଛନ୍ତି ଫ୍ୟାଦୌମ୍। ଫ୍ୟାଦୌମ୍ଙ୍କ ପାଣି ଅନୁଭୂତିର କଥା ଅତ୍ୟନ୍ତ ଲୋମଟାଙ୍କୁରା। ମାଇଲ ମାଇଲ ବ୍ୟାପୀ ବାଲି। ତାହାରି ମଧ୍ୟରେ ଭୂମିରେ ରହିଛି ଏକ ବିଶାଳକାୟ ଗର୍ତ୍ତ। ଫ୍ୟାଦୌମ୍ର କହିବା ଅନୁଯାୟୀ ସେହି ଗର୍ତ୍ତର ବୟସ ୧୦୦ବର୍ଷରୁ ଊର୍ଦ୍ଧ୍ୱ। ଫ୍ୟାଦୌମ୍ର ପ୍ରତ୍ୟେକ ଦିନର ପ୍ରଥମ କାମ ହେଉଛି ସେଠାରୁ ପାଣି ସଂଗ୍ରହ କରିବା। ସୂର୍ଯ୍ୟୋଦୟ ପୂର୍ବରୁ ବିଛଣାରୁ ଉଠେ ଫ୍ୟାଦୌମ୍। ସେହି ୧୦୦ବର୍ଷର ପୁରୁଣା ଗର୍ତ୍ତରୁ ପାଣି ଆଣିବାକୁ ବାହାରିଯାଏ। ଫେରିଆସି ଘରର ଯାବତୀୟ କାମ କରେ। କାମ ସରିବା ମାତ୍ରେ ସେ ପୁଣିଥରେ ଧାଇଁଯାଏ ସେଇ ଗର୍ତ୍ତ ନିକଟକୁ। ତା'ର ଗୋଟିଏ କାମ ପାଣି ସଂଗ୍ରହ କରିବା। ଦିନ ସାରା ଅନେକ କାମ କରେ ଫ୍ୟାଦୌମ୍। ମାତ୍ର ସେ କହେ, ସବୁ କାମ ଭିତରେ ଗୋଟିଏ କାମ ହେଉଛି ସବୁଠୁ ବେଶି ଗୁରୁତ୍ୱପୂର୍ଣ୍ଣ। ତାହା ହେଉଛି ମରୁଭୂମିରେ ପାଣି ସଂଗ୍ରହ କରିବା। ପୁଣି











ସାହାରା ମରୁଭୂମିରୁ ପାଣି ପାଇବା ବି କିଛି ଛୋଟିଆ କଥା ନୁହେଁ। କାରଣ ସେ ଗର୍ତ୍ତରେ ସବୁବେଳେ ବି ପାଣି ରହେନା। ବେଳେବେଳେ ଏମିତି ସମୟ ଆସେ ଯେତେବେଳେ ସେଠାରେ ଯାଇ ପହଞ୍ଚିବା ବେଳକୁ ପାଣି କେଉଁଆଡ଼େ ଗାଏବ ହୋଇଯାଇଥାଏ। ସେହିଦିନଟି ହେଉଛି ସବୁଠାରୁ କଷ୍ଟଦାୟକ ଦିନ। ଯେତିକି ଯନ୍ତ୍ରଣାଦାୟକ ସେତିକି ବିରକ୍ତିକର। ସାରାଦିନ କେବଳ ପାଣିଚିନ୍ତାରେ ରହୁଥିବା ଫ୍ୟାଦୌମ୍‌କୁ ଯେତେବେଳେ ପଚରାଯାଇଥିଲା– ତୁମେ କେତେବେଳେ ବିଶ୍ରାମ ନିଅ ? ସେତେବେଳେ ସେ ଉତ୍ତର ଦେଇଥିଲା ବିଶ୍ରାମ ନେବାକୁ ବେଳ କାହିଁ! ବାସ୍ତବରେ ପାଣି ପାଇଁ ଚିନ୍ତାରେ ରହୁଥିବା ମଣିଷ ଲାଗି ବିଶ୍ରାମ ନେବାର ସମୟ କ'ଣ ଆସେ। ତାକୁ ଯେତେବେଳେ ପଚରାଗଲା, ଗୋଟିଏ ଦିନର ତୁମର ସବୁଠାରୁ ଭଲ ସମୟ କେତେବେଳେ ଆସେ ? ସେ ଉତ୍ତର ଦେଇଥିଲା ଯେତେବେଳେ ପାଣି ପାଇଁ ଚିନ୍ତା ନ ଥାଏ। ଗର୍ତ୍ତରୁ ପାଣି ଟାଣିବା ସମୟକୁ ବାଦ ଦେଲେ ସବୁ ସମୟକୁ ମୁଁ ମନଭରି ଉପଭୋଗ କରେ।

**ନଳକୂପ:** ଜୀବନ ବଞ୍ଚିବା ପାଇଁ ଯାହା ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ଜଳ। ତେଣୁ ମଣିଷ ସବୁବେଳେ ଜଳଉତ୍ସର ସନ୍ଧାନ କରିଚାଲିଛି। ନଈ, ପୋଖରୀ, କୂଅ ଏସବୁ ସେହି ସନ୍ଧାନର ଫଳ। ତେବେ ପାଣିର ଏକ ବଡ଼ ଉତ୍ସ ହେଉଛି ନଳକୂପ। କାରଣ ପୃଥିବୀରେ ମହଜୁଦ ସମସ୍ତ ଜଳ ପାନୀୟ ଉପଯୋଗୀ ହୋଇ ନ ଥାଏ। ଉଦାହରଣ ସ୍ୱରୂପ ସମୁଦ୍ରଜଳ। ଅପରପକ୍ଷରେ, ଭୂତଳ ଜଳ ସଦାସର୍ବଦା ପାନୀୟ ଉପଯୋଗୀ। ନଳକୂପ ଭୂତଳ ଜଳକୁ ଛାଣି ଆମକୁ ପିଇବା ଯୋଗ୍ୟ ପାନୀୟ ଜଳ ଦେଇଥାଏ। ଅବଶ୍ୟ କେତେକ ଅଞ୍ଚଳରେ ନଳକୂପ ଜଳରେ ଲୁହା, ଫ୍ଲୋରାଇଡ୍ ପରି ଧାତବ ପଦାର୍ଥମାନ ମିଶିକରି ରହିଥାଏ। ପୂର୍ବରୁ ମଣିଷମାନେ ନଳକୂପ ଖନନ କରୁଥିଲେ। ଏବେ ଏହି କାମରେ ଆଧୁନିକ ଯନ୍ତ୍ରପାତି ଲାଗିଛି ଓ କମ୍ ଦିନରେ ନଳକୂପ ଓ ଗଭୀର ନଳକୂପ ବସି ପାରୁଛି। କେବଳ ପାନୀୟ ଜଳନୁହେଁ ସ୍ନାନ ପାଇଁ ମଧ୍ୟ ନଳକୂପର ପାଣି ଆବଶ୍ୟକ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରାଚୀନ ସଭ୍ୟତା କାଳରୁ ପ୍ରଚଳିତ। ମହେଞ୍ଜୋଦାରୋ ଓ ହରପ୍ପା ସଂସ୍କୃତିରେ ରହିଥିବା ସ୍ନାନାଗାରକୁ ଉଦାହରଣ ଭାବରେ ନିଆଯାଇଥାଏ।

ନଳକୂପର ଫଣ୍ଡା : ଭୂଗର୍ଭସ୍ଥ ଚାପକୁ ଉପଯୋଗ କରି ନଳକୂପର ଉଦ୍ଭାବନ କରିଛି ମଣିଷ। କେତେକ ସ୍ଥାନରେ ନଳକୂପ ଖନନ ପରେ ଭୂଗର୍ଭସ୍ଥ ଚାପ କାରଣରୁ ଆପେଆପେ ପାଣି ପୃଥିବୀ ପୃଷ୍ଠକୁ ଆସିଥାଏ। ସାଧାରଣତଃ ପୃଥିବୀର ଆର୍ଜେଣ୍ଟିନାରେ ଏହା ଅଧିକ ଦେଖାଯାଏ। ନଳକୂପରୁ ଜଳ ଉତ୍ତୋଳନ ପାଇଁ ବାୟୁ ଚାପର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ। ନଳକୂପ ଏକ ସରଳ ଯନ୍ତ୍ର। ଏଥିରେ ପେଶୀୟ ବଳ ପ୍ରୟୋଗ ଦ୍ୱାରା ଜଳ ଉତ୍ତୋଳନ ହୋଇଥାଏ।

ନଳକୂପର ଖର୍ଚ୍ଚ : ଭୌଗୋଳିକ ସ୍ଥିତି ଅନୁସାରେ ନଳକୂପ ପ୍ରତିଷ୍ଠା ପାଇଁ ଅର୍ଥ ବରାଦ ହୋଇଥାଏ। କେତେବେଳେ ଅଳ୍ପ କେଇଟି ପାଇପ୍ ଯୋଗେ ପାନୀୟ ଜଳ ମିଳି ଯାଉଥିବା ବେଳେ ଉପକୂଳ ଅଞ୍ଚଳରେ ୫୦ରୁ ଅଧିକ ପାଇପ ଲାଗିଥାଏ। ଅର୍ଥାତ ମଧୁର ପାଣିର ସ୍ତର ଭୂଗର୍ଭରେ ପ୍ରାୟ ୧ହଜାର ଫୁଟ ତଳେ ରହିଥାଏ।

ଡାନିଡା ପ୍ରକଳ୍ପ ଓ ସଚେତନତା : ଡେନମାର୍କ ଏକ ଛୋଟ ଦେଶ ହେଲେ ମଧ୍ୟ ଅଣ ପାରମ୍ପରିକ ଶକ୍ତିର ଅଧିକ ବିନିଯୋଗ ଏହି ଦେଶରେ ଦେଖାଯାଏ। ପୃଥିବୀର ଲୋକଙ୍କର ଜୀବନଶୈଳୀରେ ପରିବର୍ତ୍ତନ ପାଇଁ ଏହି ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ ହୋଇଛି। ତହିଁରୁ ଡାନିଶ ଇଣ୍ଟରନ୍ୟାଶନାଲ ଡେଭଲପମେଣ୍ଟ ଏଜେନ୍ସି ବା ସଂକ୍ଷେପରେ ଡାନିଡା ଗୋଟିଏ। ପ୍ରାୟ ୮୦ ଦଶକରେ ଆମ ରାଜ୍ୟର କେତେକ ଉପକୂଳ ଅଞ୍ଚଳରେ ଡାନିଡା ପ୍ରକଳ୍ପ କାମ କରୁଥିଲା। ଗ୍ରାମାଞ୍ଚଳରେ ନଳକୂପ ବସାଇବା ସହିତ ଏହାର ପରିମଳ ବ୍ୟବସ୍ଥା ପାଇଁ ଲୋକଗୀତ ତଥା ଗୀତିନାଟ୍ୟ ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଥିଲା। କେତେକ ସ୍ଥାନରେ ଗଭୀର ନଳକୂପ ବସାଇବା ବ୍ୟବସ୍ଥା କରିଥିଲା। ତେବେ ଏହି ପ୍ରକଳ୍ପ ବନ୍ଦ ହୋଇଯିବା ପରେ ଏହାର ଭିତ୍ତିଭୂମିକୁ ରାଜ୍ୟ ସରକାରଙ୍କର ଗ୍ରାମୀଣ ପାନୀୟ ଜଳଯୋଗାଣ ବିଭାଗକୁ ହସ୍ତାନ୍ତର କରାଗଲା।

**ନଳକୂପ ମରାମତି ଓ ଗ୍ରାମୀଣ ଆତ୍ମନିଯୁକ୍ତି :** ନଳକୂପ ମରାମତି ପାଇଁ ବିଶେଷ ଜ୍ଞାନକୌଶଳର ଆବଶ୍ୟକତା ପଡି ନ ଥାଏ। ଗ୍ରାମାଞ୍ଚଳର ଆଗ୍ରହୀ ଯୁବକମାନଙ୍କୁ ବିଭାଗ ପକ୍ଷରୁ ତାଲିମ ଦେବା ସହିତ ଏହି ମରାମତି କାମରେ ଆତ୍ମନିର୍ଭରଶୀଳ କରାଯାଇ ପାରୁଛି। ସେହିପରି ରାଜ୍ୟର କେତେକ ଅଞ୍ଚଳରେ ମହିଳାମାନେ ମଧ୍ୟ ନଳକୂପ ମରାମତି କାମ କରୁଛନ୍ତି। ଉପକୂଳ ଅଞ୍ଚଳରେ ଲୁଣା ପ୍ରଭାବରେ ନଳକୂପର ଯନ୍ତ୍ରାଂଶ ନଷ୍ଟ ହେଉଥିବା ବେଳେ ପାଣି ମଧ୍ୟ ଲୁଣି ପଡିବାରୁ ଏହା ଅଚଳ ହେଉଛି। କେତେକ ସ୍ଥାନରେ ଗ୍ରାମାଞ୍ଚଳର କାରିଗରମାନେ ପାରମ୍ପରିକ ଯନ୍ତ୍ରପାତି ସହାୟତାରେ ଗୋଟିଏ କିମ୍ବା ଦୁଇଟି ପାଇପ ଯୋଗେ ନଳକୂପ ବସାଉଛନ୍ତି। ଏହାର ପାଣି ପାନୀୟ ଅନୁପଯୁକ୍ତ ହେଲେ ମଧ୍ୟ ଅନ୍ୟାନ୍ୟ କାମ ପାଇଁ ଚଳି ଯାଉଛି। ବର୍ଷର ସବୁ ଋତୁରେ ଏଥିରୁ ପାଣି ମିଳୁନାହିଁ।

**ଜଳସଙ୍କଟ:** ଇଂଲିଶରେ ଗୋଟିଏ କଥା ଅଛି ଯାହାକୁ ଓଡ଼ିଆରେ କହିଲେ ଏମିତି ହେବ: ଯଦି ପୃଥିବୀର ମରଣଶୀଳ (ମୋର୍ଟାଲ) ମଣିଷ ପାଇଁ ଅମୃତ ବୋଲି କିଛି ଜିନିଷ ଥାଏ ତା'ହେଲେ ତାହା ହେଉଛି ପାଣି। ତେବେ ପୃଥିବୀର ବହୁସ୍ଥାନରେ ସୃଷ୍ଟି ହୋଇଗଲାଣି ଜଳସଙ୍କଟ। ଭାରତ ମଧ୍ୟ ସେଥିରୁ ବାଦ ପଡ଼ିନାହିଁ। ମୁଖ୍ୟତଃ ମୌସୁମୀ ଉପରେ ନିର୍ଭର କରୁଥିବା ଭାରତୀୟ ରାଜ୍ୟଗୁଡ଼ିକରେ ଜଳସଙ୍କଟ ଦିନକୁଦିନ ପ୍ରବଳ ହେବାରେ ଲାଗିଛି। ଚାଷୀ ଆତ୍ମହତ୍ୟାର ଯେଉଁ କେତେକ ଗୁରୁତ୍ୱପୂର୍ଣ୍ଣ କାରଣକୁ ଏଥିନିମନ୍ତେ ପ୍ରାଧାନ୍ୟ ଦିଆଯାଇଛି ସେଥିମଧ୍ୟରୁ ଗୋଟିଏ ହେଉଛି ଜଳ ସଙ୍କଟ। ଭାରତ ସରକାରଙ୍କର 'ଥିଙ୍କ-ଟ୍ୟାଙ୍କ' ବୋଲି କୁହାଯାଉଥିବା 'ନୀତି ଆୟୋଗ'ର ତଥ୍ୟ ଅନୁଯାୟୀ ଭାରତରେ ପ୍ରାୟ ୬ଶହ ମିଲିୟନ୍ ଜନସାଧାରଣ ଜଳ ସଙ୍କଟ ବା ୱାଟର ସର୍ଟେଜ୍‌ର ସାମ୍ନା କରୁଛନ୍ତି। ତେବେ ଏଥିପାଇଁ ଯେ ସଚେତନତା ଆରମ୍ଭ ହୋଇନାହିଁ ସେକଥା ନୁହେଁ। ବ୍ୟକ୍ତିଗତ ସ୍ତରରେ ଆରମ୍ଭ ହୋଇଥିବା ଏହି ସଚେତନତା ଯେ ଆଗାମୀ ଦିନରେ ଆଲୋକବର୍ତ୍ତିକା ନ ହେବ ସେକଥା କିଏ କହିପାରିବ ?

**ବଳକା ଜଳ ସଞ୍ଚୟ :** କୁହାଯାଏ ବିନ୍ଦୁରୁ ସୃଷ୍ଟିହୁଏ ସିନ୍ଧୁ। ଏହା ସେମିତି ଏକ ଉଦ୍ୟମ। ମହାରାଷ୍ଟ୍ରର ପୁନେ ସ୍ଥିତ କିଛି ସ୍କୁଲପିଲାଙ୍କର ଏହି ଜଳ ସଞ୍ଚୟ ପ୍ରୟାସ। ମହାରାଷ୍ଟ୍ରରେ ଜଳାଭାବ ଜନିତ ମରୁଡ଼ି କାହାରିକୁ ଅଛପା ନାହିଁ। ସ୍କୁଲ ପିଲାମାନେ ପ୍ରତ୍ୟେକ ଦିନ ବଟଲରେ ପାଣି ଧରି ଘରୁ ସ୍କୁଲକୁ ଆସିଥାନ୍ତି। ଘରକୁ ଫେରିଯିବା ବେଳେ ଯେଉଁ ପାଣି ବଳିଥାଏ ତାହାକୁ ସେମାନେ ଏଣେତେଣେ ଫୋପାଡ଼ି ଦିଅନ୍ତିନାହିଁ। ସ୍କୁଲ କ୍ୟାମ୍ପସରେ ଏକ ବଡ଼ ଡ୍ରମ୍ ରଖାଯାଇଛି। ସେମାନେ ସେଥିରେ ବଳକା ଜଳକୁ ଅଜାଡ଼ି ଦେଇଯାଆନ୍ତି। ସେହି ସଞ୍ଚିତ ବଳକା ଜଳକୁ ସ୍କୁଲରେ ଲାଗିଥିବା ଗଛ ମୂଳେ ଦିଆଯାଏ। ସ୍କୁଲ୍ କ୍ୟାମ୍ପସ୍‌କୁ ପରିଷ୍କାର କରାଯାଏ। ସେଥିପାଇଁ ଆଉ ସ୍ୱତନ୍ତ୍ର ଭାବରେ ଭୂତଳ ଅଥବା ପୋଖରୀର ଜଳକୁ ବିନିଯୋଗ କରାଯାଏ ନାହିଁ। ତଥ୍ୟ ଅନୁଯାୟୀ ପୁନେର ଅଧିକାଂଶ ସ୍କୁଲ୍‌ରେ ଏଭଳି ବ୍ୟବସ୍ଥା କରାଯାଇଛି।

**ଇଚ୍ଛା ଥିଲେ ଉପାୟ ଆସେ :** ପୁରୁଷ ମହିଳାଙ୍କ ମଧ୍ୟରେ ତୁଳନାତ୍ମକ ହିସାବ କଲେ ଏକଥା ଦେଖିବାକୁ ମିଳିବ ଯେ, ପୁରୁଷମାନଙ୍କ ତୁଳନାରେ ମହିଳାମାନେ ପାଣି ସହ ବେଶି ସମୟ ସମ୍ପୃକ୍ତ। ଏପରିକି ଘରକୁ ପାଣି ଆଣିବାର ଦାୟିତ୍ୱଟି ମଧ୍ୟ ମହିଳାମାନଙ୍କ ଉପରେ ପଡ଼ିଥାଏ। ବିଶେଷକରି ଏଠାରେ ଗ୍ରାମାଞ୍ଚଳର ମହିଳାମାନେ ଏ କାର୍ଯ୍ୟ ସହିତ ଶତପ୍ରତିଶତ ସମ୍ପୃକ୍ତ। ସେମାନେ ମଧ୍ୟ ଜଳାଭାବର କଷ୍ଟ ଆଗ ସହିଥାନ୍ତି। ମୁଣ୍ଡରେ ମୁଣ୍ଡେଇ, କାଖରେ ଧରି ସେମାନେ ବହୁଦୂରରୁ ଯାଇ ଘରକୁ ପାଣି ଆଣିଥାନ୍ତି। ଫଳରେ ସେମାନଙ୍କର କେତେବେଳେ ପିଠି ଯନ୍ତ୍ରଣା ହୋଇଥାଏ ତ ଆଉ କେତେବେଳେ ବେକରେ ଆଘାତ ଲାଗିଥାଏ। କେରଳର ଜଳାଭାବ ପୀଡ଼ିତ ଏକ ଗ୍ରାମର ଗୋଟିଏ କୋଡ଼ିଏ ଜଣିଆ ମହିଳା ଦଳ ଏହାର ନିରାକରଣ ପାଇଁ ମାତ୍ର ବର୍ଷକ ମଧ୍ୟରେ ୧୦୦ଟି ବୋରୱେଲ ଖୋଳି ପାରିଥିଲେ। ସେତିକିନୁହେଁ, ମଧ୍ୟପ୍ରଦେଶର ଖାଣ୍ଡୱା ଜିଲାର ଜଣେ ମହିଳା ୪୦ ଦିନରେ ଗୋଟେ କୂଅ ଖୋଳି ନିଜ ପରିବାରକୁ ଜଳାଭାବରୁ ମୁକ୍ତ କରିପାରିଛନ୍ତି। ସେ କହନ୍ତି, ସବୁବେଳେ ଭାଗ୍ୟ ଉପରେ ନିର୍ଭର କରିବା ଉଚିତନୁହେଁ। ବେଳେବେଳେ ନିଜ ହାତରେ ଭାଗ୍ୟ ତିଆରି କରିବାର ଆବଶ୍ୟକ।

**ଶେଷକଥା :** ଆମେରିକାର ଅନ୍ତରୀକ୍ଷ ଗବେଷଣା ସଂସ୍ଥା 'ନାସା' ୨୦୧୫ ମସିହାରେ ଗୋଟିଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରକାଶ କରିଥିଲା। ଏହି ରିପୋର୍ଟରେ ନାସା ଏକଥା କହିଥିଲା ଯେ, ଭୂପୃଷ୍ଠରେ ୩୭ଟି ବିଶାଳ ପ୍ରସ୍ତର ସ୍ତର ଅଛି ଯାହା ଜଳକୁ ଧାରଣ କରି ରଖିଥାଏ। ଆବଶ୍ୟକ ସ୍ଥଳେ ମଣିଷ ସେହିଠାରୁ ହିଁ ଭୂତଳ ଜଳ ଖନନ କରିଥାଏ। ମାତ୍ର ସେହି ୩୭ଟି ସ୍ତରରୁ ୨୧ଟି ସ୍ତରରେ ଗଭୀର ଜଳସଙ୍କଟ ଦେଖାଦେଲାଣି। ଦିନକୁଦିନ ସେଥିରୁ ଜଳର ପରିମାଣ କମିକମି ଆସୁଛି। ତାହାର କାରଣ ବର୍ଦ୍ଧିତ ଜନସଂଖ୍ୟା, କଳକାରଖାନା ଏବଂ କୃଷିକାର୍ଯ୍ୟ। ଯଦି ଏଭଳି ଭାବରେ ଭୂତଳ ଜଳ କମିକମି ଚାଲେ ତା'ହେଲେ ଦିନ ଆସିବ ମଣିଷ ପୃଥିବୀକୁ ଯେତେ ଖୋଳିଲେ ସୁଦ୍ଧା ଟୋପାଏ ବି ପାଣି ପାଇବ ନାହିଁ। ତଥ୍ୟ ଅନୁଯାୟୀ, ପାଣିର ଅଭାବ ହେତୁ ପୃଥିବୀର ଅନେକ ସ୍ଥାନରେ ଲୋକମାନେ ଗୋଟିଏ ସ୍ଥାନ ଛାଡ଼ି ଅନ୍ୟସ୍ଥାନକୁ ପଳେଇ ଯିବାକୁ ଲାଗିଲେଣି। ମଧ୍ୟପ୍ରାଚ୍ୟ ତଥା ଅନେକ ଆଫ୍ରିକୀୟ ରାଷ୍ଟ୍ରରୁ ଲୋକମାନେ ୟୁରୋପ ଆଦି ସ୍ଥାନକୁ ପଳେଇ ଯାଉଛନ୍ତି। ଯଦି ଏହି ଅବସ୍ଥା ଆଗକୁ ଜଟିଳ ରୂପ ଧାରଣ କରେ ତା'ହେଲେ କିଏ କହିବ ଖାସ ପାଣି ପାଇଁ ପୁଣି ଏକ ମହାଯୁଦ୍ଧ ନ ଲାଗିବ! ଯେଉଁ ଟୋପାଏ ପାଣି ଜୀବନ ବଞ୍ଚାଉଛି ସେହି ଟୋପାଏ ପାଣି ପାଇବା ପାଇଁ ମଣିଷ ନିଜନିଜ ଭିତରେ ଯୁଦ୍ଧକରି ପୃଥିବୀର ସର୍ବନାଶ ନ କରିବ! ତେଣୁ ବେଳ ଥାଉ ମଣିଷ ସାବଧାନ ହେଇଯିବା କ'ଣ ଉଚିତ ନୁହେଁ!





# ଟ୍ରେଣ୍ଡି ୱିଣ୍ଟର ଫ୍ୟାଶନ



**ଶୀତଦିନେ କେଉଁଭଳି ନିଜକୁ ସଜାଇଲେ ଶୀତରୁ ରକ୍ଷା ପାଇବା ସହ ଷ୍ଟାଇଲିଶ୍ ଲାଗିବେ, ସେ ନେଇ ଅନେକଙ୍କର ଚିନ୍ତା ବଢ଼ିଯାଇଥାଏ। ହେଲେ ଏବେ ତ ମାର୍କେଟ୍‌କୁ ଅନେକ ଭେରାଇଟିର ଆକର୍ଷଣୀୟ ଶୀତବସ୍ତ୍ର ସାଙ୍ଗକୁ ଷ୍ଟାଇଲିଶ୍ ୱିଣ୍ଟର୍ କ୍ୟାପ୍ ଓ ଟ୍ରେଣ୍ଡି ଫୁଟ୍‌ୱେର୍ ସବୁ ଆସିଗଲାଣି, ଯାହାକୁ ପିନ୍ଧି ଯେ କେହି ବି ସୁନ୍ଦର ଲାଗିପାରିବେ। ଆସନ୍ତୁ ଜାଣିବା ସେ ନେଇ କିଛି ସହଜ ଟିପ୍ସ...**



**ଜମ୍ପସୁଟ୍ ସହ ଶ୍ରଗ୍:** ଶୀତଦିନେ ଷ୍ଟାଇଲିଶ୍ ଲୁକ୍ ସହିତ କମ୍ଫର୍ଟେବଲ୍ ଉପରେ ବିଶେଷ ଧ୍ୟାନ ଦେଉଥିବା ଯୁବତୀମାନେ ଚାହିଁଲେ ଜମ୍ପସୁଟ୍ ସହ ଶ୍ରଗ୍‌କୁ ମ୍ୟାଚିଂ କରି ପିନ୍ଧିପାରିବେ। ଏହାକୁ ପିନ୍ଧିଲେ ଶୀତରୁ ରକ୍ଷା ମିଳିବା ସହ ମନ ଭିତରେ କନ୍‌ଫିଡେଣ୍ଟ ଲେଭଲ୍ ବଢ଼ିଗଲା ଭଳି ଅନୁଭବ ହୋଇଥାଏ। ଖାସ୍ କରି ସାଙ୍ଗମାନଙ୍କ ସହ ଆଉଟିଂରେ ଗଲାବେଳେ ଏହାକୁ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ।

**ହୁଡେଡ୍ ଟି-ଶାର୍ଟ:** ଶୀତଦିନେ ଦିନବେଳା ହେଉଥିବା ହାଲ୍‌କା ହାଲ୍‌କା ଥଣ୍ଡାରେ ହୁଡେଡ୍ ଟି-ଶାର୍ଟ ପିନ୍ଧିଲେ ବେଶ୍ ଆରାମ ଲାଗିଥାଏ। ଏହାର ଉଭୟ ପ୍ଲେନ୍ ଓ ଚେକ୍ ଷ୍ଟାଇଲ୍ ଟି-ଶାର୍ଟ ଦେଖିବାକୁ ଯେମିତି ସୁନ୍ଦର ଲାଗେ, ପିନ୍ଧିଲେ ସେମିତି ଆଟ୍ରାକ୍ଟିଭ୍ ଲୁକ୍ ମିଳେ। ଏହାକୁ ଉଭୟ ଅଫିସ୍ ହେଉ କିମ୍ବା ସାଙ୍ଗମାନଙ୍କ ସହ ବୁଲିବାକୁ ଗଲାବେଳେ ପିନ୍ଧାଯାଇପାରେ। ସେହିପରି ଲୁକ୍‌କୁ ଆଉ ଟିକେ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଏହା ସହିତ ଷ୍ଟାଇଲିଶ୍ ସନ୍‌ଗ୍ଲାସ୍ ବି ଟ୍ରାଏ କରିପାରିବେ। ଆଉ ସବୁଠୁ ଖାସ୍ କଥା ହେଉଛି ଉଭୟ ମହିଳା ଓ ପୁରୁଷମାନଙ୍କ ପାଇଁ ଭିନ୍ନ ଭିନ୍ନ ଡିଜାଇନ୍‌ର ହୁଡେଡ୍ ଟି-ଶାର୍ଟ ଏବେ ମାର୍କେଟ୍‌ରେ ଉପଲବ୍ଧ ହେଲାଣି।

**କ୍ରପ୍ ଷ୍ଟାଇଲ୍ କାର୍ଡିଗନ୍:** ଏହାକୁ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିଲେ ଯେମିତି ସୁନ୍ଦର ଲାଗିଥାଏ, ଠିକ୍ ସେମିତି ଇଣ୍ଡିଆନ୍ ଆଉଟ୍‌ଫିଟ୍ ସହିତ ଏହାକୁ ପିନ୍ଧିଲେ ଡିଫରେଣ୍ଟ ଲୁକ୍ ମିଳିଥାଏ। ଖାସ୍ କରି ହାଲ୍‌କା ରଙ୍ଗରେ ଆସୁଥିବା କ୍ରପ୍ ଷ୍ଟାଇଲ୍ କାର୍ଡିଗନ୍‌କୁ ଟ୍ରାଉଜର୍ସ କିମ୍ବା ଜିନ୍ସ ସହ ପେୟାର୍ କରି ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିବା ସହ ଶୀତରୁ ରକ୍ଷା ମିଳିଥାଏ।

**ଅଲ୍ ଟାଇମ୍ ହିଟ୍ ସ୍ୱେଟର୍:** ଶୀତଦିନେ ଶର୍ଟ ଷ୍ଟାଇଲ୍ ସ୍ୱେଟର୍‌ଠାରୁ ଆରମ୍ଭ କରି ଓଭର୍ ସାଇଜ୍ ସ୍ୱେଟର୍ ପର୍ଯ୍ୟନ୍ତ ଖୁବ୍ ଡିମାଣ୍ଡ ରହିଥାଏ। ସମୟାନୁସାରେ ଫ୍ୟାଶନ୍ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ଆସୁଥିଲେ ବି ସ୍ୱେଟର୍‌ର ଚାହିଦା କେବେ ବି କମେ ନାହିଁ। ଖାସ୍ ସେଥିପାଇଁ ପ୍ରତିବର୍ଷ ଶୀତଦିନେ ମାର୍କେଟ୍‌ରେ କେତେ ଆକର୍ଷଣୀୟ ଡିଜାଇନ୍‌ର ସ୍ୱେଟର୍ ବିକ୍ରି ହୋଇଥାଏ, ଯାହାକୁ ଉଭୟ ୱେଷ୍ଟର୍ନ ଓ ଇଣ୍ଡିଆନ୍ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିହୁଏ।




**ୱିଣ୍ଟର କ୍ୟାପ୍:** ଶୀତଦିନେ ଷ୍ଟାଇଲିଶ୍ ଲୁକ୍ ସହ ଶରୀରକୁ ଶୀତଦାଉରୁ ରକ୍ଷା କରିବା ପାଇଁ କେବଳ ଆକର୍ଷଣୀୟ ଆଉଟ୍‌ଫିଟ୍ କିମ୍ବା ୱିଣ୍ଟର ୱେର୍ ପିନ୍ଧିଦେଲେ ତ ହେବନି, ମୁଣ୍ଡକୁ ସୁରକ୍ଷା ଦେବା ପାଇଁ ୱିଣ୍ଟର୍ କ୍ୟାପ୍‌ର ବି ଆବଶ୍ୟକତା ପଡିବ। ଖାସ୍‌କରି ବେନି କ୍ୟାପ୍, କଲର୍-ବ୍ଲକ୍ ଫେଡୋରା କ୍ୟାପ୍, ପମ୍ ପମ୍ କ୍ୟାପ୍, ଲେଦର୍ ଷ୍ଟାଇଲ୍ ଫାବ୍ରିକ୍ କ୍ୟାପ୍ ଭଳି ଟ୍ରେଣ୍ଡି ୱିଣ୍ଟର୍ କ୍ୟାପ୍‌ର ଏବେ ଖୁବ୍ ଚାହିଦା ଥିବା ଦେଖିବାକୁ ମିଳୁଛି।

**ୱିଣ୍ଟର ଫୁଟ୍‌ୱେର୍:** ଦେହ ଓ ମୁଣ୍ଡ ସହ ଶୀତଦାଉରୁ ପାଦକୁ ସୁରକ୍ଷା ଦେବା ପାଇଁ ବି ମାର୍କେଟ୍‌ରେ ଏବେ ଅନେକ ଭେରାଇଟିର ୱିଣ୍ଟର୍ ଫୁଟ୍‌ୱେର୍ ମିଳୁଛି। ଯେମିତିକି: ସ୍ନିକର୍ସ, ଆଙ୍କେଲ୍ ବୁଟ୍, ୱେଦରପ୍ରୁଫ୍ ବୁଟ୍, ରାଇଡିଂ ବୁଟ୍ ଇତ୍ୟାଦି। ଯୁବତୀମାନେ ଚାହିଁଲେ ଏହିସବୁ ଫୁଟ୍‌ୱେର୍‌କୁ ଟ୍ରାଏ କରି ଷ୍ଟାଇଲିଶ୍ ଲୁକ୍ ପାଇବା ସହ ଶୀତଦାଉରୁ ପାଦକୁ ସୁରକ୍ଷା ଦେଇପାରିବେ।











# ସାଧନା

ଷାଠିଏରୁ ସତୁରି ଦଶକ ମଧ୍ୟରେ ସାଧନା ବହୁ ଭାବରେ ଚଳଚ୍ଚିତ୍ର ଜଗତରେ ସକ୍ରିୟ ରହିଥିଲେ। ଏହି ସମୟକୁ ହିନ୍ଦୀ ଚିତ୍ର ଜଗତର ସୁବର୍ଣ୍ଣଯୁଗ ବୋଲି କୁହାଯାଉଥିଲା। ଆଉ ଏହି ସମୟରେ ସାଧନା ଥିଲେ ଜଣେ ସର୍ବାଧିକ ପାରିଶ୍ରମିକ ନେଉଥିବା ଅଭିନେତ୍ରୀ...

ହିନ୍ଦୀ ଚଳଚ୍ଚିତ୍ର ଜଗତର ଜଣେ ପ୍ରସିଦ୍ଧ ଅଭିନେତ୍ରୀ ହେଉଛନ୍ତି ସାଧନା। ତାଙ୍କର ପୂରାନାମ ସାଧନା ଶିବଦାସାନି। ତେବେ ସାଧନା ଶିବଦାସାନି ଭାବରେ ନୁହେଁ; ଅଧିକନ୍ତୁ ସାଧନା ଭାବରେ ତାଙ୍କୁ ସାରା ଦେଶର ଚିତ୍ରପ୍ରେମୀ ଜାଣନ୍ତି। ଷାଠିଏରୁ ସତୁରି ଦଶକ ମଧ୍ୟରେ ସାଧନା ବହୁ ଭାବରେ ଚଳଚ୍ଚିତ୍ର ଜଗତରେ ସକ୍ରିୟ ରହିଥିଲେ। ଏହି ସମୟକୁ ହିନ୍ଦୀ ଚିତ୍ର ଜଗତର ସୁବର୍ଣ୍ଣଯୁଗ ବୋଲି କୁହାଯାଉଥିଲା। ଆଉ ଏହି ସମୟରେ ସାଧନା ଥିଲେ ଜଣେ ସର୍ବାଧିକ ପାରିଶ୍ରମିକ ନେଉଥିବା ଅଭିନେତ୍ରୀ। ୧୯୬୦ରୁ ୧୯୮୧ ଥିଲା ତାଙ୍କର ଫିଲ୍ମଯୁଗ। ତାଙ୍କ କ୍ୟାରିୟର ମଧ୍ୟରେ ସେ ୩୦ରୁ ଅଧିକ ଫିଲ୍ମରେ ଅଭିନୟ କରିଥିଲେ। ଆଉ ତାଙ୍କର ସବୁ ଫିଲ୍ମକୁ ଅଭୂତପୂର୍ବ ସଫଳତା ମିଳିଥିଲା। ତାଙ୍କର ସଫଳ ଫିଲ୍ମ ମଧ୍ୟରେ ରହିଛି ହମ୍ ଦୋନୋ, ୱ କୌନ୍ ଥି, ୱକ୍ତ, ଆରଜୁ, ମେରା ସାୟା, ଅନୀତା, ଏକ ଫୁଲ ଦୋ ମାଲି ଏବଂ ଆହୁରି ଅନେକ। କେବଳ ହିନ୍ଦୀ ଫିଲ୍ମରେ ନୁହେଁ, ସେ କେତେକ ଆଞ୍ଚଳିକ ଫିଲ୍ମରେ ମଧ ଅଭିନୟ କରିଛନ୍ତି।

**ସାଧନା କଟ୍ :** ଷାଠିଏ ଦଶକରେ ତାଙ୍କର କେଶବିନ୍ୟାସକୁ ନେଇ ସେ ଯଥେଷ୍ଟ ଚର୍ଚ୍ଚାରେ ରହିଥିଲେ। ତାଙ୍କର କେଶସଜ୍ଜା ଏତେ ଲୋକପ୍ରିୟ ହୋଇଥିଲା ଯେ ତାହାକୁ ଲୋକମାନେ 'ସାଧନା କଟ୍' ଭାବରେ ନାମିତ କରିଥିଲେ। ତିନୋଟି ଥ୍ରିଲର ମୁଭି ତାଙ୍କୁ ରାତାରାତ ସଫଳତା ଆଣିଦେଇଥିଲା। ଆଉ ସେ 'ମିଷ୍ଟ୍ରିଗର୍ଲ' ଭାବରେ ପରିଚିତ ହୋଇଯାଇଥିଲେ। ସେହି ତିନୋଟି ଥ୍ରିଲର ମୁଭି ହେଉଛି ୱ କୌନ୍ ଥି, ମେରା ସାୟା ଏବଂ ଅନୀତା। ଏହି ତିନୋଟି ଯାକ ଫିଲ୍ମର ନିର୍ଦ୍ଦେଶକ ଥିଲେ ରାଜ ଖୋସଲା। ୱ କୌନ୍ ଥି ଏବଂ ମେରା ସାୟାରେ ସାଧନା ଡବଲ ରୋଲରେ ପରଦା ଉପରକୁ ଆସିଥିଲେ। ଆଉ ଦର୍ଶକମାନେ ବି ତାଙ୍କୁ ଗ୍ରହଣ କରିଥିଲେ।

**ପିଲାବେଳ :** ୧୯୪୧ ମସିହା ସେପ୍ଟେମ୍ବର ୨ ତାରିଖରେ କରାଚୀର ଏକ ସିନ୍ଧି ହିନ୍ଦୁ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ସାଧନା। ସେ ତାଙ୍କ ପରିବାରର ଥିଲେ ଏକମାତ୍ର ସନ୍ତାନ। ତାଙ୍କର ଦାଦା ହରି ଶିବଦାସାନି ଜଣେ ଅଭିନେତା ଥିଲେ। ପରିବାରର ଏକମାତ୍ର ସନ୍ତାନ ହୋଇଥିବାରୁ ତାଙ୍କୁ ସମସ୍ତଙ୍କର ସ୍ନେହ ଶ୍ରଦ୍ଧା ମିଳି ପାରିଥିଲା। ପିଲାଟି ବେଳୁ ସେ ନାଚ, ଗୀତ ଆଦି ପ୍ରତି ଆକୃଷ୍ଟ ଥିଲେ। ତାଙ୍କ ଜନ୍ମର କିଛିବର୍ଷ ପରେ ଭାରତ ସ୍ୱାଧୀନ ହେଲା ଏବଂ ବିଭାଜିତ ହୋଇଗଲା। ଭାରତ ବିଭାଜନ ପରେ ଆରମ୍ଭ ହୋଇଯାଇଥିବା ଦଙ୍ଗାରେ ତାଙ୍କ ପରିବାର ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ସେମାନେ କରାଚୀ ଛାଡ଼ି ମୁମ୍ବାଇ ଚାଲି ଆସିଲେ ଏବଂ ମୁମ୍ବାଇରେ ସବୁଦିନ ଲାଗି ରହିଗଲେ। ସେ ଆଠବର୍ଷର ହେବା ପର୍ଯ୍ୟନ୍ତ ତାଙ୍କର ମା' ସାଧନାଙ୍କୁ ସ୍କୁଲକୁ ନ ପଠେଇ ନିଜେ ପଢ଼େଇଥିଲେ। ଆଠବର୍ଷର ହେବାପରେ ତାଙ୍କର ଅକ୍ଜିଲିଅମ୍ କନଭେଣ୍ଟରେ ନାମ ଲେଖା ହୋଇଥିଲା। ସାଧନାଙ୍କର ଅତି ପ୍ରିୟ ଅଭିନେତ୍ରୀ ଥିଲେ ନୂତନ। ସେ ନୂତନଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଅଭିନେତ୍ରୀ ହେବାକୁ ନିଷ୍ପତ୍ତି ନେଇଥିଲେ।


**ପ୍ରଥମ ପରଦା :** ପିଲାବେଳୁ ଏକ କଳାକାର ପରିବାରରେ ବଢ଼ିଥିଲେ ସାଧନା। ସ୍କୁଲରେ ପଢ଼ିବା ବେଳେ ଅଭିନୟ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରି ବେଶ୍ ପ୍ରଶଂସିତ ହେଉଥିଲେ। ତାଙ୍କର ଇଚ୍ଛାଥିଲା ବଡ଼ହୋଇ ସେ ଜଣେ ଅଭିନେତ୍ରୀ ହେବେ। ଆଉ ତାଙ୍କର ନିଷ୍ପତ୍ତିକୁ ତାଙ୍କ ବାପାମା' ମଧ ସମର୍ଥନ କରୁଥିଲେ। ପ୍ରଥମେ ସେ କ୍ୟାମେରାକୁ ସାମ୍ନା କରିଥିଲେ ୧୯୫୫ ମସିହାରେ। ରାଜ କପୁରଙ୍କ ଲୋକପ୍ରିୟ ଫିଲ୍ମ 'ଶ୍ରୀ ୪୨୦'ରେ ଥିବା ଗୋଟିଏ ଗୀତ 'ମୁଡ଼ ମୁଡ଼ କେ ନା ଦେଖ୍ ମୁଡ଼ ମୁଡ଼ କେ'ରେ ସେ ଜଣେ କୋରସ ଆର୍ଟିଷ୍ଟ ଭାବରେ ଯାଇ ନୃତ୍ୟ କରିଥିଲେ। ଏହା ହିଁ ଥିଲା ତାଙ୍କର ପ୍ରଥମ ବଲିଉଡ଼ ପ୍ରବେଶ। ସେତେବେଳକୁ ତାଙ୍କୁ ହୋଇଥିଲା ମାତ୍ର ୧୫ବର୍ଷ। ଏହାପରେ ସେ ଅନେକ ପ୍ରଯୋଜକଙ୍କ ସହିତ ଯୋଗାଯୋଗ କରିଥିଲେ। ତେବେ ସିନ୍ଧି ଭାଷାରେ ନିର୍ମିତ ହୋଇଥିବା ପ୍ରଥମ ଫିଲ୍ମ 'ଅବନା'ରେ ତାଙ୍କୁ ପାର୍ଶ୍ୱ ଅଭିନେତ୍ରୀ ଭାବେ ସୁଯୋଗ ମିଳିଥିଲା।


**ଲଭ୍ ଇନ୍ ଶିମ୍ଲା :** 'ଶ୍ରୀ ୪୨୦'ର ଏକ ପୋଷ୍ଟରରୁ ସାଧନାଙ୍କୁ ଦେଖିଥିଲେ ସେତେବେଳର ପ୍ରସିଦ୍ଧ ପ୍ରଯୋଜକ ଶଶଧର ମୁଖାର୍ଜୀ। ସେ ତାଙ୍କୁ ଆଣି ତାଙ୍କର ଆକ୍ଟିଂ ସ୍କୁଲରେ ପହଞ୍ଚାଇଥିଲେ। ସେହିବର୍ଷ ଶଶଧର ମୁଖାର୍ଜୀଙ୍କ ପୁଅ ଜୟ ମୁଖାର୍ଜୀ ମଧ ଆକ୍ଟିଂ ସ୍କୁଲରେ ନାମ ଲେଖାଇଲେ। ସେହିବର୍ଷ ଆର.କେ.ନାୟାର ପ୍ରଥମ ଥର କରି ଗୋଟିଏ ଫିଲ୍ମରେ ନିର୍ଦ୍ଦେଶନା ଦେଉଥାନ୍ତି। ଫିଲ୍ମଟି ଥିଲା 'ଲଭ୍ ଇନ୍ ଶିମ୍ଲା'। ସେଥିରେ ସେ ଦୁଇଟି ସମ୍ପୂର୍ଣ୍ଣ ନୂଆମୁହଁ ନେବାକୁ ଚାହୁଁଥାନ୍ତି। ସେଥିପାଇଁ ସେ ଉଭୟ ଜୟ ଓ ସାଧନାଙ୍କୁ ସାଇନ୍ କଲେ। ସାଧନାଙ୍କର କେଶକୁ ବ୍ରିଟିଶ ଅଭିନେତ୍ରୀ ଆଡେରି ହେପବର୍ନଙ୍କ କେଶ ଶୈଳୀରେ ସଜେଇଲେ। ଆଉ ତାହା ସାଧନାଙ୍କୁ ଏପରି ଭାବରେ ମ୍ୟାଚ୍ କରିଗଲା ଯେ ଲୋକମାନେ ତାହାକୁ ସାଧନା କଟ୍ ଭାବରେ ଗ୍ରହଣ କରିନେଲେ। ଫିଲ୍ମଟି ମୁକ୍ତିଲାଭ କରି ସଫଳ ହେଲା ଓ ସାଧନାଙ୍କ କ୍ୟାରିୟରକୁ ଆଗେଇ ନେବାରେ ସାହାଯ୍ୟ କଲା।

**ବ୍ୟକ୍ତିଗତ ଜୀବନ :** 'ଲଭ ଇନ୍ ଶିମ୍ଲା'ରେ ତାଙ୍କୁ ପ୍ରଥମ ବ୍ରେକ୍ ଦେଇଥିବା ନିର୍ଦ୍ଦେଶକ ଆର.କେ.ନାୟାରଙ୍କ ସହିତ ତାଙ୍କର ନିବିଡ଼ ପ୍ରେମ ସମ୍ପର୍କ ରହିଥିଲା। ପରିଶେଷରେ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହେଲେ। ସେମାନଙ୍କର କୌଣସି ସନ୍ତାନସନ୍ତତି ନ ଥିଲେ। ତେବେ ସେମାନଙ୍କର ଦାମ୍ପତ୍ୟ ଜୀବନ ବେଶ୍ ସୁନ୍ଦର ରହିଥିଲା। ଆଜମାରେ ପୀଡ଼ିତ ହୋଇ ଆର.କେ. ନାୟାର ପରଲୋକ ଗମନ କରିବା ପରେ ବିଲ୍‌କୁଲ୍ ଏକୁଟିଆ ହୋଇଯାଇଥିଲେ ସାଧନା। ବଲିଉଡ ସହିତ ମଧ ସମ୍ପର୍କ ଛିନ୍ନ କରିଦେଇଥିଲେ। ୨୦୧୫ ମସିହା ଡିସେମ୍ବର ୨୫ ତାରିଖରେ ଏହି ଅଭିନେତ୍ରୀଙ୍କର ଦେହାନ୍ତ ଘଟିଥିଲା।













## ଡିବି

**ଡ. ନରେନ୍ଦ୍ର କୁମାର ସେଠୀ**

ଡିବି ବଳିତା ଅଗରେ ବସିଥିବା ଅଙ୍ଗାରକୁ ଚଟକିନା ଠେଲି ଦେଇ ଟିକେ ତେଜି ଦେଲା ରାଧୁଆଇ। ଅଙ୍ଗାର ଜମିଥିବାରୁ ଆଳିଜା ଦେଇ ମୁଣ୍ଡ ହଲେଇ ଧପ ଧପ ଜଳୁଥିବା ଡିବିକୁ ଯେମିତି କିଏ ନିଆଁ ଟେଙ୍କ ଦେଲା। ଡିବି ନିଜକୁ ଟିକେ ତେଜିଦେଲା। କଳା ଧୂଆଁ ଫୁଙ୍କି ଫୁଙ୍କି ଦୁମ ଟେକି ଆଲୁଅ ପସରାକୁ ମେଲେଇ ଦେଲା ରାଧୁଆଇର ଇନ୍ଦିରା ନଡା ଛପର ଘରେ। ଅନ୍ଧାର ଯେମିତି ଡରି କୁଆଡେ ପଳେଇଲା। କାନ୍ଥ ଠଣାରେ ପୂଜା ପାଉଥିବା ବଡ଼ ଠାକୁର ଅନେଇଲେ । କଣ୍ଟାରେ ବନ୍ଧା ସୁତୁଲି ଅଳଗଗୁଣିରେ ମୁହଁ ମାଡି ପଡିଥିବା କେଇଖଣ୍ଡ ଗାମୁଛା, ଲୁଗା ପଟା ଆଖି ମଳ ମଳ କରି ଚାହିଁଲେ। ସେଣୀ ଚାଳରୁ ଓହଳି ପଡ଼ିଥିବା ଶିକାରେ ବାସି ପଖାଳ ଓ ଆଳୁ ସିଝା ରଖିଦେଇ ବାସନ୍ତି ପାଇଟି କରିବାକୁ ଯାଇଛି ।

ରାଧୁଆଇର ମନ ଲାଗିଲାନି । ଏତେବେଳ ହେଲାଣି, ବାସନ୍ତି ଗଲା କୁଆଡେ ? ଯୋଉଦିନଠୁ ଇଟାଭାଟି ଚୁଲିରେ ପଡି ତା'ର ଏ ଅପଙ୍ଗ ଅବସ୍ଥା ବାସନ୍ତି ଘର ସମ୍ଭାଳୁଛି । ଦୁଇ ପିଲାଙ୍କ କଥା ବୁଝୁଛି । ପାଇଟି କରି ଦି' ପଇସା ଆଣିଲେ ହାଣ୍ଡିରେ ଚାଉଳ ପଡୁଛି । ପିଲା ଦି'ଟା ମା'କୁ ଅନେଇ ଅନେଇ ଶୋଇଲେଣି।

ଘର ଆଗରେ ମୋଟରସାଇକେଲ ରହିବାର ଶବ୍ଦ ହେଲା। ରାଧୁଆଇ ଖସ ଖସ ହେଉଥିବା ତାଟି କବାଟ ଆଡେ ଅନେଇଲା । ଇଟାଭାଟିର ମାଲିକ ବାସନ୍ତିକୁ ଛାଡିଗଲା। ବାସନ୍ତି ଘର ଭିତରକୁ ଆସିଲା। ତା' ଦିହ ମଲ୍ଲିଫୁଲ ପରି ବାସୁଥିଲା। ସେ ନୂଆ ଶାଢି ପିନ୍ଧିଥିଲା। ସଜ ସଜ ଲାଗୁଥିଲା। ବାସନ୍ତି ରାଧୁଆଇ ଆଡେ ଅନେଇଲାନି । ଦି' ପିଲାଙ୍କ ଆଡେ ଥରେ ଚାହିଁ ଦେଇ ଶୋଇପଡ଼ିଲା। ରାଧୁଆଇର ବାସନ୍ତି ଉପରେ ଦୟା ହେଲା। ବିଚାରି କେତେ ପରିଶ୍ରମ କରୁଛି । ତା'ର ଏ ଅପଙ୍ଗ ହେବା ସବୁର ମୂଳ ।

ରାଧୁଆଇର ଆଖି ବାସନ୍ତି ମୁଣ୍ଡ ପାଖରେ ଥିବା ବିଡାଏ ଟଙ୍କା ଉପରକୁ ଗଲା। ଗୋଟିଏ ଦିନରେ ଏତେ ମଜୁରି। ଭାଟି ମାଲିକ ଖୁଦ ନିଜେ ଛାଡ଼ିବାକୁ ଆସୁଛି । ତା' ଦେହ ମଲ୍ଲିଫୁଲ ପରି ବସୁଛି। ସାହିର ଡହରା ଟୋକା ଯାହା କହୁଥିଲେ ସିଏ କୁଆଡେ ଭାଟି ମାଲିକର ଖାସ ହୋଇଯାଇଛି। ରାଧୁଆଇର ମୁଣ୍ଡ କାମ କଲାନି ।

ସେ ବିଳିବିଳେଇଲା । ଟାଙ୍ଗିଆ ଆଣି ଦେଲା ବାସନ୍ତି ତାଳୁ ଉପରେ ଗୋଟେ ପାହାର। ଶୋଇଥିବା ବାସନ୍ତି ଉଁ ଚୁଁ ହେଲାନି । ଦୁଇ ତିନି ଥର ଗୋଡ଼ କଚାଡି ନିସ୍ତେଜ ହୋଇଗଲା।

ପରଦିନ ଅପଙ୍ଗ ରାଧୁଆଇକୁ ପୋଲିସ ବାନ୍ଧି ନେଉଥିଲା । କଇଁ କଇଁ ଲୁହ ସିଙ୍ଗାଣି ଏକାଠି କରି କାନ୍ଦୁଥିବା ତା'ର ଦୁଇ ଛୁଆମାନଙ୍କ ପାଇଁ କାହାର ନିଘା ନ ଥିଲା ।

*—ବୈଜ୍ଞାନିକ ଅଧିକାରୀ*
*ଭାବା ପରମାଣୁ ଗବେଷଣା କେନ୍ଦ୍ର , ପରିବେଶ ପ୍ରୟୋଗ ଶାଳା*
*ଯାଦୁଗୁଡା, ପୂର୍ବ ସିଂହଭୂମି, ଝାରଖଣ୍ଡ*

## ମୃତ୍ୟୁ ଓ ଲୁହ

**– ଶିବରାମ ମହାପାତ୍ର**

ଆଖିରେ ତ ଲୁହ ଅଛି
ହେଲେ ଲୁହର ବା ଆଖି କାହିଁ !
ଜୀବନର ମୃତ୍ୟୁ ଅଛି
ହେଲେ ମୃତ୍ୟୁର ତ ଜୀବନ ନାହିଁ ।।
ତଥାପି ବି କାହିଁ ଭୟ,
ଏଇ ଜୀବନ ନ ଥିବା ମୃତ୍ୟୁକୁ
ଆଉ ଆଖି ନ ଥିବା ଲୁହକୁ
ଯାହା ପାଇଁ ଜୀବନକୁ ଜୀବନ ଭଳି ବି ଜିଉଁ ନାହିଁ
କି, ଆଖିକୁ ଆଖି ଭରି ବି ଚାହୁଁନାହିଁ......
ସତରେ କ'ଣ ଏଇ ମୃତ୍ୟୁ ଏତେ ବଳିୟାନ୍
ଆଉ ଏତେ ତେଜିୟାନ୍ ଏ ଛାର ଆଖିର ଲୁହ !
ଯାହା ଆଗରେ ତୁମେ ଏତେ ଅସହାୟ .....


*–ମହିତମା ,କୋରଡା , ନୟାଗଡ*

## ନୀରବତା

**–କସ୍ତୁରୀ ଚରଣ ରାଉତ**


ଶୂନଶାନ୍ ନଈ ତୁଠରେ
ଗାଧୋଉଥିବା ଅନୁଢା କିଶୋରୀର
ନୂପୁର ନିକ୍ୱଣରେ
ନୀରବତାର ଭାଷା ।
କରୁଣ ବଂଶୀ ସ୍ୱନରେ ବି
ନୀରବତାର ସ୍ପନ୍ଦନ
ଆହତ ଅନ୍ଧାରର ଷଡ଼ଯନ୍ତ୍ରରେ
କେବେ କେବେ ଅନ୍ତଃସତ୍ତ୍ୱା ପାଲଟିଯାଇ
ଲାଜ ଓ ଭୟରେ
ନିଛାଟିଆ ନଈର ଛାତିକି
ଡେଇଁପଡେ ନୀରବତା ।

*–ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ,*
*ଦେଓଗାଁ ବଲାଙ୍ଗୀର,*



# ଏ ପଟେ ବିଜ୍‌ନେସ ସେପଟେ ପ୍ରେମ

ଗୋଟିଏ ପଟେ ବିଜ୍‌ନେସ ଅନ୍ୟପଟେ ପ୍ରେମ। ଏହି ଦୁଇଟିକୁ ସମାନ୍ତରାଳ ଭାବରେ ଆଗେଇ ନେବା ସହଜ କଥା ନୁହେଁ। ପୁଣି ଏହି ଦୁଇଟି କ୍ଷେତ୍ରରେ ଆସୁଥିବା ଝଡ଼ଝଞ୍ଜାକୁ ସାମନା କରିବାକୁ ସେ ତୟାର। କାରଣ ନିଜର ମନୋବଳକୁ ଦୃଢ଼ କରି ନିଜ ଲକ୍ଷ୍ୟ ପଛରେ ଆଗେଇଛି ଏହି ଯୁବକ। ଏଥିରେ ସେ କେତେ ସଫଳ ହେଉଛି ତାହା ନିହିତ ରହିଛି କାହାଣୀରେ। ଏପରି ଏକ ସତ୍ୟ କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ବାବୁ ଭାଇଜାନ୍'। ଚିତ୍ରର ଟାଇଟଲ ଭୂମିକାରେ ଅରିନ୍ଦମ ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି ଶିବାନୀ। ଏକ ଅଜଣା ଗାଁର ଜଣେ ଯୁବକ ବାବୁ କିପରି ପବରର୍ତ୍ତୀ ସମୟରେ ନିଜକୁ ଜଣେ ବିଜନେସ ଟାଇକୁନ୍ ଭାବରେ ପରିଚିତ କରାଇ ପାରୁଛି ତାହା ସିନେମାରେ ଦେଖିବାକୁ ମିଳିବ। କାହାଣୀ ଅନୁସାରେ ବସ୍ତିରେ ରହୁଥିବା ସୋନି ଏକ ଢାବାକୁ ପ୍ରାୟ ସମୟରେ ଆସେ। ସେଠାକୁ ଜଣେ ଯୁବକ ବି ଖାଇବାକୁ ଆସେ। କେତେଥର ଦେଖାପରେ ସୋନି ପ୍ରେମରେ ପଡ଼ିଯାଇଛି ସେହି ଯୁବକ। ଆଉ ତା'ପରେ ଯାହା ଘଟିଛି ତାହା ସେ ବିଶ୍ୱାସ କରିପାରିନି। ସୋନିକୁ ପ୍ରେମ କରିବା ପରେ ଯୁବକର ବିଜ୍‌ନେସର ଉନ୍ନତି ଘଟିଛି। ସୋନି ପ୍ରେମରେ ପଡ଼ିବା ପରେ ଯୁବକ ଜୀବନରେ ଆଉ କ'ଣ ଘଟୁଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଫିଲ୍ମଟିର ଚିତ୍ରନାଟ୍ୟ ରଚନା ସହ ପ୍ରଯୋଜନା କରିଛନ୍ତି ସନ୍ତୋଷ ନାରାୟଣ ଦାସ। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ତାପସ ସରଘରିଆ। ଖ୍ୱାଜା ଗରିବ ନୱାଜ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ଅରିନ୍ଦମ-ଶିବାନୀ ଯୋଡି ବ୍ୟତୀତ ଶ୍ରୀତମ ଦାସ, ମିହିର ଦାସ, ଚୌଧୁରୀ ବିକାଶ ଦାସ, ବିଦୁସ୍ମିତା, ମନୋଜ ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା, ସନ୍ତୋଷ ନାରାୟଣ ଦାସ ଏବଂ ତାପସ ସରଘରିଆ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।



ଅରିନ୍ଦମ-ଶିବାନୀ

# ଚୁଜି ହେଲେଣି ୟାମି

ୟାମି ଗୌତମ ଏବେ ଚୁଜି ହେଲେଣି। ଆକ୍ଟିଂ ଲାଇନ୍‌ରେ ଦେଖିଚାହିଁ ପାଦ ପକାଉଛନ୍ତି। ଦେଖୁନାହାନ୍ତି, କାହାଣୀ ପସନ୍ଦ ନ ହେବାରୁ କେମିତି ଦୁଇଟି ବଡ଼ ବ୍ୟାନରରୁ ଆସିଥିବା ଅଫରକୁ ହାତଛଡ଼ା କରିଛନ୍ତି। ନିଜ କଥାରେ ସେ ଏତେ ଦୃଢ଼ ଥିଲେ ଯେ କାହାଣୀ ଶୁଣି ସାରିବା ପରେ ସିଧାସଳଖ ମନା କରିଦେଇଥିଲେ। ଏ ନେଇ ୟାମି କହନ୍ତି, 'ଏଣିକି ଦେଖି ଚାହିଁ ଫିଲ୍ମ ସାଇନ୍ କରିବି। କାରଣ ଏଣୁତେଣୁ ଗୁଡ଼ାଏ ସିନେମାରେ ରୋଲ୍ ନ କରି ଭଲ ଫିଲ୍ମରେ ଆକ୍ଟିଂ କଲେ କ୍ଷତି କ'ଣ ? ତେଣୁ ବଲିଉଡ୍‌ରେ ମୁଁ ଦେଖି ଚାହିଁ ଆଗେଇବି। ମୋ କ୍ୟାରିୟର ଏବେ ଯେଉଁ ସ୍ତରରେ ଅଛି ତରତର ହେଲେ ସବୁ କିଛି ଗଡ଼ବଡ଼ ହୋଇଯିବ। ତେଣୁ କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ସଚେତନ ହେବାକୁ ଭୁଲିବି ନାହିଁ।' ତେବେ ୟାମି ନିଜ କଥାରେ କେତେ ଦିନ ଦୃଢ଼ ରହୁଛନ୍ତି ତାହା ଦେଖିବାକୁ ବାକି ରହିଲା।





ଜାହ୍ନବୀ

# ବୁଲାବୁଲିରେ ବ୍ୟସ୍ତ

ଜାହ୍ନବୀ ଏବେ ବୁଲାବୁଲିରେ ବ୍ୟସ୍ତ। କାରଣ ସେ ଅଭିନୟ କରୁଥିବା କରନ୍ ଜୋହରଙ୍କ 'ଦୋସ୍ତାନା-୨'ର ଶୁଟିଂ ନନ ଷ୍ଟପ ଚାଲିବ ଏବଂ ଏହା ଶେଷ ହେବା ପରେ ଆଉ ଏକ ସିନେମାର ଶୁଟିଂ ଆରମ୍ଭ କରିବାକୁ ସେ ଯୋଜନା କରିଥିଲେ। ହେଲେ ଦିଲ୍ଲୀରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଥିବା ଦୃଷ୍ଟିରୁ ସେଠାରେ ହେବାକୁ ଥିବା ଏହି ଫିଲ୍ମର ଶୁଟିଂକୁ କ୍ୟାନସଲ କରାଯାଇଛି। ଅନ୍ୟପକ୍ଷରେ ପାଖାପାଖି ଦୁଇ ସପ୍ତାହ ପରେ ଶୁଟିଂ ଆରମ୍ଭ ହୋଇପାରେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ଏହି ଗ୍ୟାପ୍ ସମୟ ଭିତରେ 'ଦୋସ୍ତାନା-୨' ୟୁନିଟ୍ ସଦସ୍ୟମାନେ ଦିଲ୍ଲୀର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିଯିବାକୁ ସ୍ଥିର କରିଛନ୍ତି। ଏହା ଦେଖି ଜାହ୍ନବୀ ମଧ୍ୟ ସେମାନଙ୍କ ସହ ଯିବାକୁ ମନ ବଳାଇଛନ୍ତି। ଏ ନେଇ ଜାହ୍ନବୀ କହନ୍ତି, 'ଏବେ ତ ଶୁଟିଂ ନାହିଁ। ତେଣୁ ଯେହେତୁ ଦିଲ୍ଲୀରେ ଅଛି ଏଠାକାର ଦର୍ଶନୀୟ ସ୍ଥାନସବୁ ବୁଲିବି ବୋଲି ସ୍ଥିର କରିଛି। ଫିଲ୍ମର ନାୟକ କାର୍ତ୍ତିକ ଆର୍ଯ୍ୟନ ବି ମୋ ସହ ବୁଲିବାକୁ ବାହାରିଛନ୍ତି।' ସୂଚନାଯୋଗ୍ୟ ୨୦୦୮ରେ ନିର୍ମିତ ହୋଇଥିଲା 'ଦୋସ୍ତାନା'। ଏହାର ଲିଡ୍ ରୋଲ୍‌ରେ ଜନ୍ ଆବ୍ରାହମ, ଅଭିଷେକ ବଚ୍ଚନ ଏବଂ ପ୍ରିୟଙ୍କା ଚୋପ୍ରା ଅଭିନୟ କରିଥିଲେ। ତେବେ କାର୍ତ୍ତିକ-ଜାହ୍ନବୀଙ୍କ ଅଭିନୀତ 'ଦୋସ୍ତାନା-୨କୁ ଦର୍ଶକ କେତେ ଗ୍ରହଣ କରୁଛନ୍ତି ତାହା ଫିଲ୍ମଟି ରିଲିଜ ପରେ ହିଁ ଜଣାପଡ଼ିବ।

# ସତ ହେଲା ଆକଳନ

ବେଳେ ବେଳେ ମଣିଷ ଯାହା ଭାବେ ତାହା ସତ ହୋଇଯାଏ। ଦେଖୁନାହାନ୍ତି, ଫିଲ୍ମର ଶୁଟିଂ ସମୟରେ ଆୟୁଷ୍ମାନ ଖୁରାନା ଯାହା ଅନୁମାନ କରିଥିଲେ ତାହା କିପରି ସତରେ ପରିଣତ ହୋଇଛି। କଥା କ'ଣ କି, ତାଙ୍କ ଅଭିନୀତ 'ବାଲା' ନିକଟରେ ରିଲିଜ ହୋଇ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଜଣେ ଯୁବକ ଚନ୍ଦା ହେବା ଦ୍ୱାରା କି ପ୍ରକାର ପରିସ୍ଥିତିର ସମ୍ମୁଖୀନ ହେଉଛି ତାହା ଏଥିରେ ଦେଖିବାକୁ ମିଳିଛି। ମୁକ୍ତିଲାଭ କରିବାର ମାତ୍ର ଦିନ କେଇଟାରେ ଏହା ୧୦୦କୋଟି କ୍ଲବରେ ସାମିଲ ହେବାକୁ ଯାଉଛି। ଆଉ ଏକ କଥା, ଫିଲ୍ମଟି ଆବୁଧାବିରେ ରିଲିଜ ହେବା ନେଇ ଯେଉଁ ସମସ୍ୟା ଥିଲା ତାହା ଦୂର ହୋଇଛି। ବିଶେଷଭାବରେ 'ବାଲା'ରେ ଆୟୁଷ୍ମାନଙ୍କ ଅଭିନୟକୁ ଦର୍ଶକ ବେଶ୍ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି। ଆର୍. କୌଶିକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଆୟୁଷ୍ମାନଙ୍କ ବ୍ୟତୀତ ଜାଭେଦ ଜାଫ୍ରି, ସୌରଭ ଶୁକ୍ଳା ଏବଂ ୟାମି ଗୌତମ ଅଭିନୟ କରିଛନ୍ତି।

ଆୟୁଷ୍ମାନ



# ଅଜୟଙ୍କ ପ୍ରଶଂସାରେ ଶାହରୁଖ



ଅଜୟ-ଶାହରୁଖ

ଶାହରୁଖ ଏବେ ଅଜୟ ଦେବଗନଙ୍କ ପ୍ରଶଂସାରେ ଶତମୁଖ। କଥା କ'ଣ କି 'ଫୁଲ ଔର କାଣ୍ଟେ'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିବା ଅଜୟ ନିକଟରେ ହିନ୍ଦୀ ସିନେମାରେ ୩୦ବର୍ଷ ପୂରଣ କରିଛନ୍ତି। ଯା ଭିତରେ ସେ ଅନେକ ହିଟ୍ ସିନେମାରେ ଅଭିନୟ କରିବା ସହ ଭିନ୍ନ ଭିନ୍ନ ଭୂମିକାକୁ ତୁଲାଇ ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଅଜୟଙ୍କୁ ପ୍ରଶଂସା କରି ଶାହରୁଖ ଟ୍ୱିଟରରେ ଟ୍ୱିଟ୍ କରି ଲେଖିଛନ୍ତି, 'ଅଜୟ ଜଣେ ଭଲ ଅଭିନେତା। ଆକ୍ସନ, କମେଡି, ଇମୋଶନ-ସବୁ ପ୍ରକାର ରୋଲ୍‌କୁ ତୁଲାଇବାରେ ସେ ଏକ୍ସପର୍ଟ। ତାଙ୍କର ଆକ୍ଟିଂ ମୋତେ ବେଶ୍ ପ୍ରଭାବିତ କରିଛି। ଏବେ ତାଙ୍କ ଅଭିନିତ 'ତାହ୍ନାଜୀ: ଦ ଅନସଙ୍ଗ୍ ୱାରିୟର୍' ଚଳଚ୍ଚିତ୍ରର ପୋଷ୍ଟର ରିଲିଜ ହୋଇଛି। ଏହା ତାଙ୍କର ୧୦୦ତମ ଚଳଚ୍ଚିତ୍ର। ସେଥିପାଇଁ ତାଙ୍କୁ ବହୁତ ଶୁଭକାମନା। ବଲିଉଡ୍‌ରେ ସେ ଆହୁରି ଅଧିକ ସିନେମାରେ ଅଭିନୟ କରନ୍ତୁ।' ଶାହରୁଖଙ୍କର ଅଜୟଙ୍କୁ କରିଥିବା ଏହି ଟ୍ୱିଟ ଏବେ ଭାଇରାଲ୍ ହେବାରେ ଲାଗିଛି।

# ଅଳପ ରାଗକୁ ଅଳପ ହସ ସହଜେ ଫିଟେନା ପ୍ରେମର ଫାଶ

**ପ୍ରଶ୍ନ**–ଅନେକ କହନ୍ତି ଯେ, ପ୍ରେମ ନିଶା ଭାରି ଗାଢ଼। ଏହି ଫାଶରେ ଥରେ ବାନ୍ଧି ହୋଇଗଲେ ସେଥିରୁ ମୁକୁଳିବା କଷ୍ଟକର। କାହିଁକି ?

*–ମନୋଜ, ରେଢ଼ାଖୋଲ*

**ଉତ୍ତର:** ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ୱ ପସ୍ତାୟା ଜୋ ନେହିଁ ଖାୟା ୱ ଭି ପସ୍ତାୟା। ତେଣୁ ଏହି ରାସ୍ତାରେ ଥରେ ପାଦ ଦେଲେ ଆଉ ଯଦି ପ୍ରେମର ଗଣିତ ଠିକ୍ ରହିଲା ତେବେ ସୋନେ ପେ ସୁହାଗା। ସେହି ପ୍ରେମରେ ରାଗ, ଅଭିମାନ, ହସ, ଦୁଃଖ ସବୁ ଥାଏ। ହେଲେ ପ୍ରେମ ଯଦି ନିର୍ମଳ ରହିଲା, ତେବେ ଏହାର ସ୍ୱାଦ ସାରା ଜୀବନ ଭୁଲି ହୁଏନା। ବାସ୍, ନିଜ ଉପରେ ଦୃଢ଼ ବିଶ୍ୱାସ ରଖି ଏପରି ପ୍ରେମିକାଟିଏ ଚଏସ୍ କରନ୍ତୁ ଯେମିତି ଆପଣଙ୍କ ପ୍ରେମ ସବୁବେଳେ ସ୍ମରଣୀୟ ହୋଇରହିବ।

**ପ୍ରଶ୍ନ**–ମୋ ପ୍ରେମିକା କେତେବେଳେ ରାଗି ଯାଉଛି ତ କେତେବେଳେ ହସି ହସି ଗଡ଼ି ଯାଉଛି। ସେ ଏମିତି କାହିଁକି କରୁଛି ?

*–ଦୀପକ ନାୟକ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** ପ୍ରେମରେ ରାଗ, ଅଭିମାନ କ୍ଷଣିକ। 'ଅଳପ ରାଗକୁ ଅଳପ ହସ, ସହଜେ ଫିଟେନା ପ୍ରେମର ଫାଶ। ଯଦି ଆପଣଙ୍କ ପ୍ରେମ ଆଉ ପ୍ରେମିକା ଉପରେ ଦୃଢ଼ ବିଶ୍ୱାସ ରହିଛି ତେବେ ସେହି ରାଗ ଅଭିମାନକୁ କଦାପି ସିରିୟସଲି ନିଅନ୍ତୁ ନାହିଁ। ବାସ୍, ପ୍ରେମିକା ସହ ଯୋଡ଼ିହୋଇ ପ୍ରେମର ମଜା ନିଅନ୍ତୁ।

**ପ୍ରଶ୍ନ**–ମୋତେ ଏକାଥରେ ଦୁଇଜଣ ଝିଅ ମନ ପ୍ରାଣ ଦେଇ ଭଲ ପାଉଛନ୍ତି। କାହାକୁ ନିଜର କରି କାହାକୁ ମନା କରିବି ଜାଣିପାରୁନାହିଁ।

*–ସତ୍ୟବ୍ରତ ଦାସ, ସୋନପୁର*

**ଉତ୍ତର:** ପ୍ରଥମ କଥା ହେଲା, ପ୍ରେମ କରିବା ସମୟରେ ଦୁଇ ନାଆରେ କଦାପି ଗୋଡ଼ ରଖନ୍ତୁ ନାହିଁ। କାରଣ ପ୍ରେମର ନିଶା ଏପରି ଗାଢ଼ ଯେ, ଦୁଇ ପଟକୁ ସମାନ ବାଲାନ୍ସ କରିବା ସହଜ ନୁହେଁ। ତେଣୁ ଆପଣଙ୍କ ନିଷ୍ପତ୍ତି ନିଜ ପାଖରେ ରହିଛି। କ'ଣ କଲେ ନିଜ ପାଇଁ ହିତ ହେବ ଥଣ୍ଡା ମିଜାଜ୍‌ରେ ଚିନ୍ତା କରନ୍ତୁ।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ ମୋ ମନରେ ଅନେକ ପ୍ରଶ୍ନବାଚୀ। ଥରେ ମନରେ ସାହସ ନେଇ ଆଗେଇଲି। ହେଲେ ଜଣେ ଝିଅକୁ ପ୍ରପୋଜ କରିବା ପୂର୍ବରୁ ମୋ ଫ୍ୟୁଜ୍ ଉଡ଼ିଗଲା। ଏପରି ସମସ୍ୟାର କିପରି ସମାଧାନ କରିବି ?

*–ଅମର, କଟକ*

**ଉତ୍ତର:** ପ୍ରଥମେ ମନରେ ଥିବା ପ୍ରଶ୍ନବାଚୀର ଠିକ୍ ଉତ୍ତର ଖୋଜନ୍ତୁ। ମନରେ ସାହସ ଥିଲେ ବି ଆପଣଙ୍କର କେଉଁଠି ଟିକେ କେଁ ରହିଯାଉଛି। ତେଣୁ ପ୍ରେମ କରିବା ପୂର୍ବରୁ ମନରେ ଥିବା ସନ୍ଦେହ ପ୍ରଥମେ ଦୂର କରନ୍ତୁ। ନ ହେଲେ ସେଗୁଡ଼ିକ ଆପଣଙ୍କ ପଛରେ ଛାଇ ହୋଇ ଗୋଡ଼େଇବେ।

**ପ୍ରଶ୍ନ**–ଆତୁରିଆ ପ୍ରେମ କରି ଅନେକ ଥର ନାମ ନେଲିଣି। ହେଲେ ପୁଣି ସେହି ଫର୍ମୁଲାରେ ପ୍ରେମ କରୁଛି। ଏହାକୁ କିପରି ମନରୁ ଦୂର କରିବି ?

*–ସନ୍ତୋଷ ସାହୁ, ବ୍ରହ୍ମପୁର*

**ଉତ୍ତର:** ଆତୁରିଆ ପ୍ରେମ କରିବା ନିଶା ପ୍ରଥମେ ମନରୁ ଭଲ ଭାବରେ ଉତାରି ଦିଅନ୍ତୁ। କାରଣ ଏହି ପ୍ରେମରେ ଟିକିଏ ହେଲେ ଚାର୍ମ ନ ଥାଏ। କେବଳ ମରିଚିକା ପରି ସେପରି ପ୍ରେମ ପଛରେ ଗୋଡ଼ାଇବା ସାର। ପ୍ରେମ କରିବା ଫର୍ମୁଲା ତୁରନ୍ତ ବଦଳାନ୍ତୁ। ନ ହେଲେ ସେମିତି ଅଧା ବାଟରେ ସନ୍ତୁଳି ହେଉଥିବେ।



ସାଥୀ

## ପ୍ରଥମ ରୋଜଗାର

# ପ୍ରଥମ ଦରମା ବାପାଙ୍କ ପାଖକୁ ପଠାଇଥିଲି



ସାମାଜିକ କର୍ମୀ **ରାମ ଶଙ୍କର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଖୋର୍ଦ୍ଧା ସହର ମୁକୁନ୍ଦପ୍ରସାଦରେ ମୋର ଜନ୍ମ। ସ୍ଥାନୀୟ ବିଜେବି ହାଇସ୍କୁଲରୁ ସ୍କୁଲ ପଢ଼ା ସାରି ବାଙ୍କୀ କଲେଜରେ ଗ୍ରାଜୁଏଶନ ଯାଏଁ ପଢ଼ିଥିଲି। ତା'ପରେ ପାରାଦୀପ ପୋର୍ଟରେ କ୍ଲରିକାଲ୍ ପୋଷ୍ଟରେ ଚାକିରି କଲି। ଏହା ଥିଲା ୧୯୮୦ ମସିହାର କଥା। ସେତେବେଳେ ମୋତେ ହଜାରେ ଟଙ୍କା ଦରମା ମିଳୁଥିଲା। ପ୍ରଥମ ମାସ ଦରମା ପାଇବା ପରେ ବାପାଙ୍କ ପାଖକୁ ତିନିଶହ ଟଙ୍କା ପଠାଇ ବାକି ସାତଶହ ଟଙ୍କା ନିଜ ପାଖେ ରଖିଥିଲି। ଏହି ଧାରା ମୋର ବହୁଦିନ ଯାଏଁ ଚାଲିଥିଲା। ତା'ସହିତ ତାଳଦେଇ ଚାକିରି କ୍ଷେତ୍ରରେ ପଦୋନ୍ନତି ଘଟିବା ସଙ୍ଗେ ସଙ୍ଗେ ଦାୟିତ୍ୱ ବି ବଢୁଥିଲା। ଏପରିକି ପାରାଦୀପ ପୋର୍ଟ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଓ ପରେ ସଭାପତି ଭାବେ ବି ମୋତେ ବେଶ୍ କିଛିଦିନ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା ; ଯଦ୍ଦ୍ୱାରା ଶ୍ରମିକମାନଙ୍କ ସହ ମୋର ନିବିଡ଼ ସମ୍ପର୍କ ଗଢ଼ି ଉଠିଥିଲା। ଫଳରେ ମୁଁ ଜାଣିବାକୁ ପାଇଲି, ଶ୍ରମିକମାନଙ୍କ ମଧ୍ୟରୁ ଅନେକେ ଏମିତି ଅଛନ୍ତି ଯେଉଁମାନେ ନିରକ୍ଷର ସହ ନିଶା ସେବନ କରୁଛନ୍ତି। ସେମାନଙ୍କ ପାଖେ ଠିକ୍‌ଭୁଲ୍ ବିଚାର କରିବାର ସାମର୍ଥ୍ୟ ନାହିଁ କି ସାମାଜିକ, ପାରିବାରିକ ସଚେତନତା ବି ନାହିଁ। ସେମାନେ ନିଶା ସେବନ କରୁ ନାହାନ୍ତି ବରଂ ନିଶା ସେମାନଙ୍କୁ ଓ ସେମାନଙ୍କର ପରିବାରକୁ ନଷ୍ଟ କରିବାରେ ଲାଗିଛି। ଏସବୁ କଥା ଜାଣିବା ପରେ ମୋତେ ବହୁତ କଷ୍ଟ ହୋଇଥିଲା। ଠିକ୍ ସେତିକି ବେଳେ ସରକାର ବି ନିୟମ କଲେ, ଆଉ ଟିପଚିହ୍ନରେ ଶ୍ରମିକମାନଙ୍କୁ ମଜୁରି ମିଳିବ ନାହିଁ। ତେଣୁ ମାନବିକତା ଦୃଷ୍ଟିକୋଣରୁ ସେମାନଙ୍କୁ ବାଟକୁ ଆଣିବା ପାଇଁ ପ୍ରୟାସକରି ସେମାନଙ୍କ ବସ୍ତିକୁ ଗଲି ଆଉ ୫ରୁ ୧୦ ଜଣ ନିରକ୍ଷର ଶ୍ରମିକଙ୍କୁ ଏକାଠିକରି ବୁଝାଇ ପାଠ ପଢ଼ାଇବାକୁ ରାଜି କରାଇଲି। ତା'ସହ ସେମାନଙ୍କ ମନରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ସେମାନଙ୍କୁ ସିଲଟ, ଖଡ଼ି ଓ ରାତିରେ ପଢ଼ିବାକୁ ଲଣ୍ଠନ ବି ଦେଲି। ସେମାନଙ୍କୁ ଅ-ଆ ଓ ୧ରୁ ୧୦୦ ପର୍ଯ୍ୟନ୍ତ ଲେଖିବା, ଟଙ୍କା ଗଣି ଶିଖିବା ଏବଂ ନିଜ ନାମ ଦସ୍ତଖତ କରିବା ଇତ୍ୟାଦି ଶିଖାଇଲି। ପାଠପଢ଼ା ସମେତ ସେହି ବସ୍ତିରେ ନିଶା ନିବାରଣ କାର୍ଯ୍ୟକ୍ରମ ବି କଲି। ଧୀରେ ଧୀରେ ମୋ ଉଦ୍ୟମ କେତେକାଂଶରେ ସଫଳ ହେବାକୁ ଲାଗିଲା। ପାଖାପାଖି ୩୫ ବର୍ଷ ପାରାଦୀପ ପୋର୍ଟରେ କାମ କରିବା ଭିତରେ ନିଜସ୍ୱ ଉଦ୍ୟମରେ ମୁଁ ପ୍ରାୟ ୬୦/୭୦ ଜଣ ଶ୍ରମିକଙ୍କୁ ଶିକ୍ଷିତ କରାଇବା ସହ ସେମାନଙ୍କୁ ନିଶାମୁକ୍ତ ବି କରାଇ ପାରିଥିଲି। ଏହା ମୋତେ ଆଗକୁ କର୍ମଭୂମି ସମେତ ଜନ୍ମଭୂମିରେ ବି କିଛି ସମାଜ ମଙ୍ଗଳ କାମ କରିବା ପାଇଁ ପ୍ରେରଣା ଦେଇଥିଲା। ଫଳରେ ଚାକିରିରୁ ଅବସର ନେବାକୁ ଆହୁରି ତିନିବର୍ଷ ବାକି ଥିବା ସତ୍ତ୍ୱେ ମୁଁ ଚାକିରି ଛାଡ଼ି ୨୦୧୫ରେ ଜନ୍ମିତ ସହରକୁ ଫେରିଆସିଲି ଏବଂ ନିଜସ୍ୱ ଉଦ୍ୟମରେ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭକଲି। ଖୋର୍ଦ୍ଧା, ବେଗୁନିଆ ଓ ଜଟଣୀ ବ୍ଲକ୍ ତଥା ଖୋର୍ଦ୍ଧା, ଜଟଣୀ ମ୍ୟୁନିସିପାଲିଟି ଅଧୀନରେ ଥିବା ସମସ୍ତ ହାଇସ୍କୁଲ ଓ କଲେଜକୁ ମଝିରେ ମଝିରେ ଯାଇ ଛାତ୍ରୀଛାତ୍ରଙ୍କୁ ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାର କିପରି ବ୍ୟବହାର କରିହେବ ସେ ନେଇ ସଚେତନତା ସୃଷ୍ଟି କଲି। ତା'ସହିତ ନିଶାଠାରୁ କିପରି ଦୂରେଇ ରହିବେ, ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ କିପରି ବର୍ଜନ କରିବେ ସେ ବିଷୟରେ ବି ସେମାନଙ୍କୁ ଉଦାହରଣ ମାଧ୍ୟମରେ ବୁଝାଇବାକୁ ଚେଷ୍ଟାକଲି। ଏହି କାର୍ଯ୍ୟକ୍ରମ ମୋର ଏବେ ବି ଜାରି ରହିଛି।। ତା'ସହିତ ମୁଁ ମୋ ଘରେ ଏକ ଛାତ୍ରାବାସ ବି ଗଢ଼ିଛି, ଯାହାର ନାଁ ଦେଇଛି ବିଶ୍ୱାମିତ୍ର ଛାତ୍ରାବାସ। ଏଠାରେ ଯେଉଁ ପିଲାମାନେ ରୁହନ୍ତି, ସେମାନେ ୬ଦିନ ଯାକ ସେମାନଙ୍କ ପାଠ ପଢ଼ିଥାନ୍ତି। ପ୍ରତି ରବିବାରରେ ପ୍ରାୟ ଦୁଇଘଣ୍ଟା ମୁଁ ସେମାନଙ୍କୁ ମୌଳିକ ଶିକ୍ଷା ଦେଇଥାଏ, ଯାହା ସେମାନଙ୍କ ଜୀବନରେ କିଛିଟା ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥାଏ। ତା'ସହିତ ଲେଖାଲେଖି ବି ମୁଁ କରେ। ବିଶେଷକରି ଅର୍ଥନୀତି ସମ୍ବନ୍ଧୀୟ ଅନେକ ଲେଖା ମୋର ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶ ପାଇଛି। ସେହିପରି ମୋ ଲିଖିତ ଭୋକ, ଛାତ ଓ ଛାତି, ନନା ଓ ନେତା, ମାଗୁଣିର ଟ୍ରଲି ରିକ୍ସା ଶୀର୍ଷକ କ୍ଷୁଦ୍ରଗଳ୍ପ ଏବଂ ଦୁଇଟି ଝିଅର ଇଚ୍ଛା, ହିରୋ ନମ୍ବର ୱାନ୍ ଇତ୍ୟାଦି ପ୍ରବନ୍ଧ ବେଶ୍ ପାଠକାଦୃତ ହୋଇପାରିଛି। ତେଣୁ ଏହିସବୁ କାର୍ଯ୍ୟ ଭିତରେ ମୋ ସମୟ କେମିତି ବିତିଯାଉଛି ଜଣାପଡୁନି। ମୁଁ ସର୍ବଦା ଗୋଟିଏ କଥା ଉପରେ ବିଶ୍ୱାସକରେ ତାହା ହେଉଛି 'ପଢ଼ିଲେ ଜାଣିବ, ଜାଣିଲେ ଜିଣିବ'। ତେଣୁ ସବୁବେଳେ କିଛି ନା କିଛି ନୂଆ ବିଷୟ ପଢ଼ିବା ପାଇଁ ମୁଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥାଏ। ତା'ସହିତ ଯେଉଁ ବରିଷ୍ଠ ନାଗରିକମାନେ ଶାରୀରିକ ଭାବେ ସୁସ୍ଥ ଅଛନ୍ତି ସେମାନଙ୍କୁ ମୋର ଗୋଟିଏ ଅନୁରୋଧ, ସମଗ୍ର ଜୀବନ ନିଜ ପରିବାରକୁ ଗଢ଼ିବା ପାଇଁ ଦେଇ ସାରିଲା ପରେ ଏବେ ଯଦି ସେମାନେ କିଛି ସମୟ ସାମାଜିକ ସମସ୍ୟା ସମାଧାନ ଦିଗରେ ଦେଇପାରନ୍ତେ ତା'ହେଲେ ଅନେକ ଉପକାର ହୋଇପାରନ୍ତା। **–ଅନ୍ୱିତା**

# ସାଇତା ଖେଳଣା







**ଏଠି ଯେଉଁ ଖେଳଣା କଥା କୁହାଯାଉଛି, ସେଥିପାଇଁ ପିଲା ଜିଦ୍ଦି କଲେ ବି ମା'ବାପା ପିଲାର ଆଶା ପୂରଣ କରିପାରିବେନି। କାରଣ ଏସବୁ ହେଉଛି ପୃଥିବୀର ସବୁଠାରୁ ଦାମୀ ଖେଳଣା। କହିବାକୁଗଲେ, ଏସବୁ ଖେଳିବା ପାଇଁ ନୁହେଁ ବରଂ ତିଆରି ହୋଇଛି ସାଇତି ରଖିବା ପାଇଁ..**




**ଆଷ୍ଟୋଲାଟ୍ ଡଲ୍ ହାଉସ୍ କ୍ୟାସେଲ–** ଡଲ୍ ହାଉସ୍ ବା କଣ୍ଢେଇ ଘର ପିଲାମାନଙ୍କର ବହୁତ ପ୍ରିୟ। ସେଥିରେ କଣ୍ଢେଇକୁ ରଖି ଖେଳିବାରେ ଥାଏ ଅଲଗା ମଜା। ତେବେ ଏମିତି ଏକ ଡଲ୍ ହାଉସ୍ ଅଛି, ଯାହାକୁ ଦେଖିଲେ ଇଚ୍ଛା ହେବ ତାକୁ ଘରକୁ ନେଇଯିବାକୁ। ହେଲେ ଏହାର ଦାମ ଶୁଣିଲେ ତା'ଠୁ ଦୂରେଇ ଯିବେ। କାରଣ ଏହା ହେଉଛି ପୃଥିବୀର ସବୁଠୁ ଦାମୀ ଡଲ୍ ହାଉସ୍। ଯାହାର ମୂଲ୍ୟ ୮.୫ ମିଲିୟନ ଡଲାର। ଏତେ ମୂଲ୍ୟ ହେବା ବି ସ୍ୱାଭାବିକ। କାରଣ ଏଥିରେ ଦେଖିବାକୁ ମିଳେ ଉଚ୍ଚକୋଟିର କାରିଗରି, ସ୍ଥାପତ୍ୟ, ଇଞ୍ଜିନିୟରିଂ ଓ ସୃଜନଶୀଳତା। ଏହା ଭିତରେ ରୋଷେଇଘରଠୁ ଆରମ୍ଭ କରି ବେଡରୁମ୍, ୱାଇନ୍ ସେଲାର, ବେସମେଣ୍ଟ, ହଲ୍‌ୱେସ୍, ଷ୍ଟେୟାରୱେସ୍, ମ୍ୟୁଜିକ ରୁମ୍, ଲାଇବ୍ରେରୀ ଆଦି ଅଛି। ଆଉ ସେଗୁଡ଼ିକୁ ଏତେ ନିଖୁଣଭାବେ କରାଯାଇଛି ଯେ, ତାହା ସମ୍ପୂର୍ଣ୍ଣଭାବେ ବାସ୍ତବ ଲାଗେ। ଏହାକୁ ତିଆରି କରିବା ଲାଗି ୧୩ ବର୍ଷ ଲାଗିଥିଲା।

**ଲୋଇଜ୍‌ଲିଉର୍(ଦି ବାର୍ଡ ଟ୍ରେନର୍)–** ଏହା ଏକ ୪ ଫୁଟ୍ ଉଚ୍ଚତା ବିଶିଷ୍ଟ ଚଳପ୍ରଚଳ କରିପାରୁଥିବା ଖେଳଣା। କହିବାକୁ ଗଲେ ଏହା ଏକ ରୋବୋ ପରି ଅଟେ। ଯାହାକୁ ଡିଜାଇନ୍ କରିଛନ୍ତି ଫ୍ରାନ୍ସର କ୍ରିଷ୍ଟିୟାନ ବେଲି। ଏହି ଖେଳଣାଟି ଏକ ଯୁବକର, ଯାହା ହାତରେ ବଇଁଶୀ ଥିବା ସହ ପାଖରେ ଥାଆନ୍ତି ଦୁଇଟି ଚଢ଼େଇ। ସାଟିନ୍, ଭେଲଭେଟ୍, ସିଲ୍କର ପୋଷାକ ପିନ୍ଧିଥିବା ଏହି ଯୁବକ କଣ୍ଢେଇର ଆଖି କାଚର। ଏଥିରେ ଥିବା ଏକ ସୁବର୍ଣ୍ଣ ରଙ୍ଗର ଚାବିକୁ ମୋଡ଼ି ଦେଲେ ଯୁବକ କଣ୍ଢେଇଟି ବଇଁଶୀ ବଜାଇବା ଆରମ୍ଭ କରେ। ଆଉ ହାତରେ ବସିଥିବା ଚଢ଼େଇ ଡେଣା ଝାଡ଼ି, ମୁଣ୍ଡ ହଲେଇ ଥଣ୍ଟ ଖୋଲି ଓ ବନ୍ଦ କରି ଗୀତ ଗାଇବା ପରି ହୁଅନ୍ତି। ଏହି ଖେଳଣାର ମୂଲ୍ୟ ୬.୨୫ ମିଲିୟନ ଡଲାର।





**ମାଡାମ୍ ଆଲେକଜାଣ୍ଡାର ଏଲୋଇଜ୍–** କ୍ୟୁଟ୍ ବ୍ଲଣ୍ଡ ହେୟାର୍ ଥିବା ଝିଅ କଣ୍ଢେଇ ପାଖରେ ଷ୍ଟାଇଲିଶ୍ କୁକୁରର ଏହି ଖେଳଣା ଦେଖିବାକୁ ସାଧାରଣ। କିନ୍ତୁ ଏହାର ମୂଲ୍ୟ ୫ ମିଲିୟନ ଡଲାର। କାରଣ ଉକ୍ତ କଣ୍ଢେଇରେ ୯ କ୍ୟାରେଟ୍‌ର ହୀରା, ସ୍ୱରଭୋସ୍କି କ୍ରିଷ୍ଟାଲ୍ ଓ ଅନ୍ୟ ଦାମୀ ଆସେସରିଜ୍ ବ୍ୟବହାର କରାଯାଇଛି। ଡଲ୍ ଡିଜାଇନର୍ ମାଡାମ ଆଲେକଜାଣ୍ଡାର ଏହିଭଳି ମାତ୍ର ୫ଟି ଡଲ୍ ତିଆରି କରିଛନ୍ତି।

**ଲମ୍ବରଘିନି ଆଭେଣ୍ଟାଡର୍ ମଡେଲ୍ କାର୍–** ଜାଣି ଆଶ୍ଚର୍ଯ୍ୟ ହେବେ ଏହି ମଡେଲ୍ କାର୍ ଖେଳଣାର ମୂଲ୍ୟ ଅସଲି ଲମ୍ବରଘିନି କାର୍‌ଠୁ ୧୦ ଗୁଣ ଅଧିକ। ସୁନା, ହୀରା ଓ ପ୍ଲାଟିନମ୍‌ରେ ତିଆରି ଏହି କାର୍ ଖେଳଣାର ମୂଲ୍ୟ ୪.୬ ମିଲିୟନ ଡଲାର।

**ଗୋଲ୍ଡେନ୍ ମନୋପଲି–** ମନୋପଲି ଗେମ୍ ଅନେକେ ଖେଳିଥିବେ। ଏହା ଏକ ଲୋକପ୍ରିୟ ବୋର୍ଡ ଗେମ୍। ସାନଫ୍ରାନ୍ସିସ୍କୋ ଗହଣା ଡିଜାଇନର୍ ସିଡ୍‌ନୀ ମୋବେଲ୍ ତିଆରି କରିଛନ୍ତି ଏହାର ସବୁଠାରୁ ଦାମୀ ଭର୍ସନ। ଯାହାର ମୂଲ୍ୟ ୨ ମିଲିୟନ ଡଲାର। ୧୮ କ୍ୟାରେଟ୍ ସୁନା ଓ ବିଭିନ୍ନ ଦାମୀ ରତ୍ନରେ ତିଆରି ଏହି ମନୋପଲି ଗେମ୍‌ର ଡାଇସ୍ ଦୁଇଟି ୪୨ଟି ଫୁଲ୍ କଟ୍ ଡାଇମଣ୍ଡରେ ତିଆରି। ଏହାର ପ୍ରପର୍ଟିଗୁଡ଼ିକରେ ଜେମ୍‌ସ ଖଚିତ। ସର୍ବମୋଟ ୧୬୫ଟି ଜେମ୍ ଷ୍ଟୋନ ଏଥିରେ ବ୍ୟବହାର ହୋଇଛି। ଏହାର ହୋଟେଲରେ ସାଫାୟର୍ ଏବଂ ହାଉସ୍ ଚିମ୍‌ନୀ ରୁବି ବ୍ୟବହାର କରାଯାଇଛି।

**ଦି ମାଷ୍ଟରପିସ୍ କ୍ରବ୍ ରୁ୍ୟବିକ୍ କ୍ୟୁବ୍–** ଏହାର ମୂଲ୍ୟ ହେଉଛି ୧.୫ମିଲିୟନ ଡଲାର। ଏଥିରେ ୧୮୫ କ୍ୟାରଟ୍‌ର ବହୁମୂଲ୍ୟ ଜେମ୍‌ସ, ରୁବି, ଇମେରାଲ୍ଡ ଆଦି ଖଚିତ ହୋଇଛି।

**ଗୋଲ୍ଡ ରକିଂ ହର୍ସ–** ପିଲାଦିନର ଖେଳଣା ଭିତରେ ରକିଂ ହର୍ସ ବହୁତ ପ୍ରିୟ ହୋଇଥାଏ। ଜାପାନର ଗହଣା ନିର୍ମାତା ଗିନ୍‌ଜା ତନାକା ତିଆରି କରିଛନ୍ତି ୨୪ କ୍ୟାରଟ୍ ସୁନାର ରକିଂ ହର୍ସ। ୨୬ କି.ଗ୍ରା. ସୁନାର ଏହି ରକିଂ ହର୍ସକୁ ସେ ଜାପାନର ରାଜକୁମାର ହିସାହିତୋଙ୍କ ଜନ୍ମଦିନ ଅବସରରେ ତିଆରି କରିଥିଲେ। ପରେ ଏହାକୁ ହଲିଉଡ୍ ଗାୟିକା ବେୟୋନ୍ସ ଓ ତାଙ୍କ ସ୍ୱାମୀ ଜେ–ଜେଡ୍ ତାଙ୍କ ଝିଅ ପାଇଁ କିଣି ନେଇଥିଲେ।





ସ୍ୱୀମା



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ– କୁମାର ଶରତ (ଧରିତ୍ରୀ)**

# ହାଃ ହାଃ

## ୪ ଘଣ୍ଟା


ସ୍ୱାମୀ ସ୍ତ୍ରୀକୁ– ଚାରି ଘଣ୍ଟା ହେବ ତମେ କୁଆଡେ ଯାଇଥିଲ ?
ସ୍ତ୍ରୀ– ଶପିଂମଲ୍।
ସ୍ୱାମୀ– କ'ଣ ସବୁ ଆଣିଲ ?
ସ୍ତ୍ରୀ–ଗୋଟେ ରବର୍ ବ୍ୟାଣ୍ଡ ଓ ୫୦ଟା ସେଲ୍ଫି।

## କିସ୍

ସ୍ତ୍ରୀ ସ୍ୱାମୀଙ୍କୁ ରୋଷେଇ ଘରେ– ହେଇଟି ଦେଖ, କାମ କରିବା ସମୟରେ ମତେ କିସ୍ କରି ଡିଷ୍ଟର୍ବ କରନି। ଡେରି ହେଇଯିବ। ସେତିକି ବେଳେ ଚାକରାଣୀ– ହଁ, ମା' ବାବୁଙ୍କୁ ଏଇ କଥା ଟିକେ ଭଲରେ ବୁଝେଇଦିଅ। ମୁଁ ତ କହି କହି ଥକି ଗଲିଣି।

## ହାତ ରନ୍ଧା

ସ୍ତ୍ରୀ ଉପରେ ସ୍ୱାମୀ ରାଗିଥାଆନ୍ତି।
ସ୍ତ୍ରୀ– ଆସ ଖାଇବ।
ସ୍ୱାମୀ–ତମ ହାତରନ୍ଧା ତ କୁକୁର ବି ଖାଇବନି।
ସ୍ତ୍ରୀ– ସେଥିପାଇଁ ତ ତମକୁ ଡାକୁଛି।



# ଐତିହାସିକ ସହର
# ଥରଂଗମ୍ବାଡି

*ଥରଂଗମ୍ବାଡି ତାମିଲନାଡୁସ୍ଥିତ ଏମିତି ଏକ ସହର ଯେଉଁଠାକୁ ବର୍ଷସାରା ପର୍ଯ୍ୟଟକଙ୍କ ଯା'ଆସ ଲାଗିରହିଥାଏ। କାରଣ ଏହି ସହର ଐତିହାସିକ, ସାଂସ୍କୃତିକ ତଥା ପ୍ରାକୃତିକ ଦୃଷ୍ଟିକୋଣରୁ ବେଶ୍ ସମୃଦ୍ଧ। ତା'ଛଡ଼ା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ସହରରେ ରହିଛି ଏମିତି କେତୋଟି ମନ ମୋହିନେଲା ଭଳି ପର୍ଯ୍ୟଟନସ୍ଥଳୀ, ଯାହା ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିପାରୁଛି...*

.................

ଥରଂଗମ୍ବାଡି ତାମିଲନାଡୁର ନାଗପଟ୍ଟିନମ୍ ଜିଲା ଅନ୍ତର୍ଗତ ଏମିତି ଏକ ସହର, ଯାହା ନିଜର ଐତିହାସିକ ମହତ୍ତ୍ୱ ପାଇଁ ବେଶ୍ ନାଁ କରିପାରିଛି। କାରଣ ଏଠାରେ ଇତିହାସ ସହ ଜଡ଼ିତ ଥିବା ଅନେକ ପ୍ରାଚୀନ ସଂରଚନା ଦେଖିବାକୁ ମିଳିଥାଏ, ଯେଉଁଥିରେ ଦୁର୍ଗ, ଚର୍ଚ୍ଚ, ମ୍ୟୁଜିୟମ୍ ଇତ୍ୟାଦି ସମ୍ପୃକ୍ତ। ତା'ଛଡ଼ା ଏହା ଏକ ତଟୀୟ ସହର, ଯେଉଁଠାରେ ୧୬୨୦ ମସିହାରେ ଡେନିଶ୍ ଟ୍ରେଡିଂ ପୋଷ୍ଟ ସ୍ଥାପନ କରାଯାଇଥିଲା। ଏହା ଥିଲା ସେହି ସମୟ, ଯେତେବେଳେ ଏଠାକୁ ଡେନିଶ୍ ଲୋକମାନଙ୍କର ଆଗମନ ହୋଇଥିଲା। ପରେ ଏଠାରେ ଡେନିଶ୍‌ମାନଙ୍କର ଏକ ସ୍ୱତନ୍ତ୍ର କଲୋନୀ ଗଢ଼ିଉଠିଲା। ହେଲେ ୧୮୪୫ ମସିହା ବେଳକୁ ତାହା ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ବିକ୍ରି ହୋଇଗଲା। ଆଉ ସେହି ସମୟରେ ହିଁ ଏଠାରେ ଅନେକ ପ୍ରାଚୀନ ସଂରଚନାଗୁଡ଼ିକ ନିର୍ମାଣ ହୋଇଥିଲା, ଯାହା ଏବେ ବି ଗୋଟିଏ ଗୋଟିଏ ଐତିହାସିକ ମାଇଲଖୁଣ୍ଟ ଭାବେ ଉକ୍ତ ସ୍ଥାନରେ ଦଣ୍ଡାୟମାନ ହୋଇରହିଛି। ଆଉ ଯାହାକୁ ଦେଖିବାକୁ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଜମୁଛି।



## କ'ଣ ଦେଖିବେ

**ଡାନ୍ସବର୍ଗ ଦୁର୍ଗ:** ୧୬୨୦ ମସିହାରେ *ଥରଂଗମ୍ବାଡିରେ* ଯେଉଁ ଡେନିଶ୍ ଦୁର୍ଗଟି ନିର୍ମିତ କରାଯାଇଥିଲା, ତା'ର ନାଁ ହେଉଛି ଡାନ୍ସବର୍ଗ। ଆଉ ସେହି ଦୁର୍ଗଟି ଦ୍ୱିତୀୟ ବଡ଼ ଡେନିଶ୍ ଦୁର୍ଗ ଭାବେ ଜଣାଶୁଣା। କାରଣ ପ୍ରଥମ ବଡ଼ ଡେନିଶ୍ ଦୁର୍ଗଟି ଡେନ୍‌ମାର୍କରେ ରହିଛି, ଯାହାର ନାଁ ହେଉଛି କ୍ରୋନ୍‌ବର୍ଗ। କ୍ରୋନ୍‌ବର୍ଗ ଦୁର୍ଗ ଭଳି ଡାନ୍ସବର୍ଗ ଦୁର୍ଗଟି ମଧ୍ୟ ଆକର୍ଷଣୀୟ ବାସ୍ତୁକଳାରେ ନିର୍ମିତ। ତା'ଛଡ଼ା ଏହି ଦୁର୍ଗଟି ସମୁଦ୍ର ତଟ ଦେଶରେ ରହିଥିବାରୁ ଏହା ଆହୁରି ସୁନ୍ଦର ଦେଖାଯାଇଥାଏ। ଏତେ ବର୍ଷର ପୁରୁଣା ଦୁର୍ଗ ହୋଇଥିଲେ ମଧ୍ୟ ଏହାର ଆକର୍ଷଣୀୟ କାରୁକାର୍ଯ୍ୟ ଏବେ ବି ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିପାରୁଛି।

**ଟ୍ରାଙ୍କ୍ୟୁବର୍ ମ୍ୟୁଜିୟମ୍:** ଡେନିଶ୍ ବା ଡାନ୍ସବର୍ଗ ଦୁର୍ଗ ନିକଟରେ ଥିବା ଏହି ଐତିହାସିକ ମ୍ୟୁଜିୟମ୍‌ରେ ଡେନିଶ୍ ବ୍ୟବସ୍ଥାପନ ସହ ଜଡିତ ଥିବା ଅନେକ ମହତ୍ତ୍ୱପୂର୍ଣ୍ଣ ବସ୍ତୁଗୁଡ଼ିକୁ ଦେଖିବାକୁ ମିଳିଥାଏ। ଯେମିତିକି ବିଭିନ୍ନ ପଥରରେ ନିର୍ମିତ ପ୍ରତିମୂର୍ତ୍ତି, ଟେରାକୋଟା ବସ୍ତୁସାମଗ୍ରୀ, ବିଭିନ୍ନ ପ୍ରକାର ବିରଳ ପଥର, ଚିନା ମାଟିରେ ନିର୍ମିତ ଗୃହୋପକରଣ, ଡେନିଶ୍ ପାଣ୍ଡୁଲିପି ତଥା ବିଭିନ୍ନ ହାତହତିଆର ଇତ୍ୟାଦି ଅନ୍ୟତମ। ଏହି ମ୍ୟୁଜିୟମ୍‌କୁ ବୁଲିଗଲେ ଇତିହାସ ସମ୍ବଳିତ ଅନେକ ତଥ୍ୟ ପର୍ଯ୍ୟଟକ ଜାଣିବାର ସୁଯୋଗ ପାଇପାରିବେ।



**ନ୍ୟୁ ଜେରୁଶଲମ୍ ଚର୍ଚ୍ଚ:** ୧୭୧୮ ମସିହାରେ ଏକ ରୟାଲ୍ ଡେନିଶ୍ ମିଶନାରି ଦ୍ୱାରା ଏହି ପବିତ୍ର ସ୍ଥଳୀଟିର ନିର୍ମାଣ କରାଯାଇଥିଲା, ଯାହାର ଆକର୍ଷଣୀୟ କାରୁକାର୍ଯ୍ୟ ଥିଲା ବେଶ୍ ମନୋରମ। ହେଲେ ୨୦୦୪ରେ ହୋଇଥିବା ଭୟଙ୍କର ସୁନାମିରେ ଉକ୍ତ ଚର୍ଚ୍ଚଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଇଥିଲା। ଫଳରେ ୨୦୦୬ରେ ଏହାର ପୁନରୁଦ୍ଧାର କାର୍ଯ୍ୟ କରାଯାଇ ଏହାକୁ ପୁଣିଥରେ ଏକ ଆକର୍ଷଣୀୟ ଚର୍ଚ୍ଚର ରୂପ ଦିଆଯାଇଥିଲା ବୋଲି ସୂଚନା ରହିଛି।

ଏସବୁ ବ୍ୟତୀତ *ଥରଂଗମ୍ବାଡିରେ* ଆହୁରି ଅନେକ ଛୋଟ ବଡ଼ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବି ରହିଛି, ଯାହାକୁ ପର୍ଯ୍ୟଟକ ଚାହିଁଲେ ବୁଲି ଦେଖିପାରିବେ।



## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡି ବାକି ଅନ୍ୟ ସମୟରେ ଏଠାକୁ ଗଲେ ବୁଲାବୁଲି କରିବାକୁ ସୁବିଧା ହୋଇଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ଚେନ୍ନାଇ ଇଣ୍ଟର ନ୍ୟାଶନାଲ୍ ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ନାଗପଟ୍ଟିନମ୍ ଜିଲାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକ ଚାହିଁଲେ ଏହି ବସ୍ ଯୋଗେ ପ୍ରଥମେ ନାଗପଟ୍ଟିନମ୍‌କୁ ଯିବେ ଏବଂ ସେଠାରୁ ଟ୍ୟାକ୍ସି କିମ୍ବା ଲୋକାଲ୍ ବସ୍‌ରେ ସୁବିଧାରେ ଯାଇ *ଥରଂଗମ୍ବାଡିରେ* ପହଞ୍ଚିପାରିବେ। ନାଗପଟ୍ଟିନମ୍‌ରୁ ମାତ୍ର ଦେଢ଼ଘଣ୍ଟାର ରାସ୍ତା ହେଉଛି *ଥରଂଗମ୍ବାଡି*।















# ହୀରା ଗିଟାର

ଗିଟାରର ଧୂନ୍ କାହାକୁ ବା ଭଲ ନ ଲାଗେ । ଅନେକଙ୍କର ଏହା ଏକ ପ୍ରିୟ ବାଦ୍ୟଯନ୍ତ୍ର । ତେବେ ଏମିତି ଏକ ଗିଟାର ଅଛି, ଯାହାକୁ ଦେଖୁ ଦେଖୁ ଯେ କେହି ବି ତା’ ପ୍ରେମରେ ପଡ଼ିଯିବେ । ଆଉ ତାକୁ ପାଇବାର ସ୍ୱପ୍ନ ଦେଖିବେ । କିନ୍ତୁ ତାକୁ ପାଇବା ସାତସପନ । କାରଣ ତାହା ପୃଥିବୀର ସବୁଠାରୁ ଦାମୀ ଗିଟାରଭାବେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି । ‘ଦି ଇଡେନ୍ ଅଫ୍ କରୋନେଟ୍’ ନାମରେ ପରିଚିତ ଉକ୍ତ ଗିଟାରର ମୂଲ୍ୟ ପ୍ରାୟ ୨ ମିଲିୟନ ଡଲାର । ପ୍ରସିଦ୍ଧ ଗିଟାର ନିର୍ମାତା ଗିବ୍‌ସନ, ଗହଣା ଡିଜାଇନର ଆରୋନ୍ ସୁମ୍ ଏବଂ ସଙ୍ଗୀତଜ୍ଞ ତଥା ଡିଜାଇନର ମାର୍କ ଲୁଇଙ୍କ ସହ ମିଶି ଉକ୍ତ ଗିଟାର ତିଆରି କରିଛନ୍ତି । ଏଥିରେ ୪୦୦ରୁ ଊର୍ଦ୍ଧ୍ୱ କ୍ୟାରଟ୍‌ର ହୀରା ଓ ୧.୬ କି.ଗ୍ରା.ର ୧୮ କ୍ୟାରଟ ସୁନା ବ୍ୟବହାର କରାଯାଇଛି । ୬୮ ଜଣ କାରିଗର ୭୦୦ ଦିନରେ ଏହାକୁ ତିଆରି କରିଛନ୍ତି । ଗିଟାରଟି ହୀରାରେ ଆଚ୍ଛାଦିତ ହୋଇ ରହିଥିଲେ ହେଁ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ।

## କାର୍ଟୁନ କର୍ନର



# ଗାୟିକା ଅଭିନେତ୍ରୀ

ନାଟକ ଆରମ୍ଭରୁ ସେ ଗୀତ ଗାଇ ଦର୍ଶକଙ୍କ ମନକୁ ଝୁମେଇ ଦିଅନ୍ତି। ପୁଣି ନାଟକରେ କମେଡ଼ି କରି ଦର୍ଶକମାନଙ୍କୁ ହସେଇ ହସେଇ ବେଦମ୍ କରିଦିଅନ୍ତି। ଉଭୟ ଗୀତ ଆଉ ଅଭିନୟର ଯୁଗଳବନ୍ଦୀରେ ଯାତ୍ରାଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଗାୟିକା-ଅଭିନେତ୍ରୀ ଜଣକ ହେଉଛନ୍ତି ଝରଣା ଘୋଷ ଓରଫ୍ ବେବିନା। ତେବେ ଯାତ୍ରାଜଗତରେ ତାଙ୍କୁ ଝରଣା ବୋଲି ଖୁବ୍ କମ୍ ଲୋକ ଜାଣିଥିବା ବେଳେ ସେ ସମସ୍ତଙ୍କ ନିକଟରେ ବେବିନା ଭାବରେ ପରିଚିତ। ଭଦ୍ରକର ଧାମରାରେ ଅଙ୍ଗଦ ଘୋଷ ଏବଂ କଳ୍ପନା ଘୋଷଙ୍କ କୋଳରେ ଜନ୍ମଗ୍ରହଣ କରିଥିଲେ ବେବିନା। ପିଲାବେଳେ ସୁନ୍ଦର ଗୀତ ଗାଉଥିଲେ। ସ୍କୁଲରେ ତାଙ୍କ ଗୀତ ଶୁଣି ସମସ୍ତେ ଚକିତ ହୋଇଯାଉଥିଲେ। ସେତିକି ନୁହେଁ ସେ ସ୍କୁଲ ଡ୍ରାମାରେ ମଧ୍ୟ ଚମତ୍କାର ଅଭିନୟ କରୁଥିଲେ। ଯେଉଁଠି ଯାତ୍ରା ପଡୁଥିଲା ସେଠାକୁ ଧାଇଁ ଯାଉଥିଲେ ଯାତ୍ରା ଦେଖିବା ପାଇଁ। ପିଲାଟି ବେଳୁ ତାଙ୍କ ଭିତରେ ଯାତ୍ରା ପ୍ରତି ଆଗ୍ରହ ଗଢ଼ି ଉଠିଥିଲା। ସେ ଚାହୁଁଥିଲେ ଯାତ୍ରାପାର୍ଟିରେ ଯୋଗଦେବାକୁ। ମାତ୍ର ଯେତେ ଚେଷ୍ଟା କଲେ ବି ସୁଯୋଗ ମିଳୁ ନ ଥିଲା। ତୁଳସୀ ଗଣନାଟ୍ୟର ଜଣେ କର୍ମଚାରୀ ବାପିବାବୁଙ୍କ ସହିତ ତାଙ୍କର ପରିଚୟ ଥିଲା। ସେ ହିଁ ତାଙ୍କୁ ତୁଳସୀକୁ ନେଇଆସିଲେ। ପ୍ରଥମେ ତ ବାପାମା' କାହାରି ଇଚ୍ଛା ନ ଥିଲା ଝିଅକୁ ଯାତ୍ରାରେ ଛାଡ଼ିବା ପାଇଁ। ମାତ୍ର ବେବିନାଙ୍କ ଜିଦ୍ ନିକଟରେ ସମସ୍ତେ ହାର ମାନିଲେ। ତୁଳସୀରେ ଯୋଗଦେଲେ ବେବିନା। ପ୍ରଥମେ ସେ ମେଲୋଡି ଗାଇଲେ। ତେବେ ତାଙ୍କ ଭିତରେ ଯେ ଅଭିନୟ ଦକ୍ଷତା ରହିଛି ସେକଥା ବେଶିଦିନ ଅଛପା ରହିଲାନାହିଁ। ସେଥିଲାଗି ତାଙ୍କୁ ଛୋଟମୋଟ ଅଭିନୟ କରିବାର ସୁଯୋଗ ମିଳିଲା। ଫୁଲହାର ହେଲା ଫାଶୀ ଦଉଡ଼ି, ମୁଁ ନୁହେଁ ଅର୍ଦ୍ଧାଙ୍ଗିନୀ, ଗୋଟିଏ ନାରୀର କୋଟିଏ କାହାଣୀ ଆଦି ନାଟକରେ ଅଭିନୟ କରି ସେ ମଞ୍ଚ ଉପରକୁ ଆସିଲେ। ଚାରିବର୍ଷ ରହିଲେ ତୁଳସୀ ଗଣନାଟ୍ୟରେ। ତୁଳସୀରୁ ଆସି ଯୋଗଦେଲେ ଯାତ୍ରାଶ୍ରୀ ବିଶ୍ୱଦରବାରରେ। ବିଳମ୍ବରେ ବିଶ୍ୱଦରବାରକୁ ଆସିଥିବାରୁ ତାଙ୍କୁ ଅଭିନୟର ସୁଯୋଗ ମିଳି ନ ଥିଲା। ଚଳିତବର୍ଷ ସେ ଆସି ଯୋଗ ଦେଇଛନ୍ତି 'ମାୟାନଗରୀ' ଯାତ୍ରାନୁଷ୍ଠାନରେ। ଗୀତ ତ ଗାଉଛନ୍ତି। ତା' ସହିତ ତାଙ୍କୁ ମିଳିଛି ତିନିଗୋଟି ନାଟକରେ କମେଡ଼ି କରିବାର ସୁଯୋଗ। ସେହି ନାଟକ ତିନୋଟି ହେଉଛି 'ଦେଲେ ଧରା କଥା ସରେ', ଧନ ପାଖେ ମନ ବନ୍ଧାପଡ଼ିଛି' ଏବଂ ନିଜେ ନିଜର ରାମାୟଣ'। ସ୍ୱାମୀ ବିଭୂତି ଭୂଷଣ ଦାସ ଏବଂ ଶ୍ୱଶୁର ବିଜନ ଦାସ ତଥା ଶାଶୁଙ୍କ ପ୍ରେରଣା ତାଙ୍କୁ ଅଭିନୟ ତଥା ସଙ୍ଗୀତର ରାସ୍ତାରେ ଆଗକୁ ଆଗେଇ ନେଉଛି ବୋଲି କହନ୍ତି ଏହି ଗାୟିକା ତଥା ଅଭିନେତ୍ରୀ।


ଝରଣା

# 'କାହାଣୀ କହୁଛି ସୂର୍ଯ୍ୟମନ୍ଦିର'ରେ ରହିଛି ପ୍ରେମ ତ୍ୟାଗର କଥା

ସତ୍ୟବାଦୀ ପଣ୍ଡା ଜଣେ ଗରିବ ବ୍ରାହ୍ମଣ। ଘରେ ତାଙ୍କର ତିନୋଟି ପିଲା। ଝିଅ ଧାରା ଓ ଦୁଇପୁଅ ଅଜୟ ଓ ବିଜୟ। ବିଜୟ ଦୃଷ୍ଟିହୀନ। ଅଜୟ ପାଠ ପଢ଼ିଛି। ହେଲେ ଚାକିରି ପାଇଁ ଅର୍ଥ ନାହିଁ। ବିଜୟର ଆଖି ଭଲ କରିବା ପାଇଁ ବି ଦରକାର ପ୍ରଚୁର ଟଙ୍କା। ପୋଲିସ ଚାକିରି କରିବାକୁ ହେଲେ ଅଜୟକୁ ଦୁଇଲକ୍ଷ ଟଙ୍କା ଦେବାକୁ ପଡ଼ିବ। ନ ହେଲେ ବରବାଦ ହୋଇଯିବ ଅଜୟର ଜୀବନ। ବାପା ସତ୍ୟବାଦୀ ଉପରକୁ ହାତ ଟେକି ଦିଅନ୍ତି। କୋଉଠୁ ଆଣିବେ ସେ ଏତେଗୁଡ଼ାଏ ଟଙ୍କା? ଧାରା କହେ, ତୁ ବ୍ୟସ୍ତ ହ'ନା। ମୁଁ ତତେ ଟଙ୍କା ଆଣିଦେବି। ଧାରା ଯାଇ ଡକ୍ଟର ବିବେକଙ୍କ ପାଖରେ ପହଞ୍ଚେ। ତା'ର ଦୁଇଲକ୍ଷ ଟଙ୍କା ଦରକାର। ବିବେକ ଘରେ ଟଙ୍କା ଥାଏ। ମାତ୍ର ସୁଖ ନ ଥାଏ। ବିବେକର ମା' ଅଞ୍ଜନା ଜଣେ ଆଡଭୋକେଟ। ସ୍ତ୍ରୀ ତନୁଜା ପିଲା ଜନ୍ମ କରିବାକୁ ଅସମର୍ଥ। ସେମାନେ ସର୍ତ୍ତ ରଖନ୍ତି: ଦୁଇଲକ୍ଷ ଟଙ୍କା ତାକୁ ଦେବେ। ହେଲେ ଧାରା ବିବେକର ପିଲାକୁ ଜନ୍ମ କରିବ। ବାଧ୍ୟ ହୋଇ ରାଜି ହୋଇଯାଏ ଧାରା। ଦୁଇଲକ୍ଷ ଟଙ୍କା ଦିଏ ଅଜୟକୁ। ବିବେକର ଭ୍ରୂଣକୁ ଗର୍ଭରେ ଧାରଣ କରେ ଧାରା।

ବିବେକ ଘରେ ଧାରା ରହିଥିବା ବେଳେ ସେଠାରେ ହଠାତ୍ ଦିନେ ଭେଟ ହୋଇଯାଏ ସୁରଜ ସହିତ। ସୁରଜ ପିତୃମାତୃହୀନ ଅନାଥ। ତାକୁ ଜନ୍ମଦେଇ କୋଣାର୍କ ମନ୍ଦିର ବେଢ଼ାରେ ଛାଡ଼ି ଦେଇଯାଇଛନ୍ତି କେହି ଜଣେ ମହିଳା। ସେ କିନ୍ତୁ ସବୁ ପ୍ରତିକୂଳତାକୁ ସାମ୍ନାକରି ବଡ଼ହୋଇଛି। ଧାରାକୁ ଭଲପାଇ ବସିଛି। ମାତ୍ର ଧାରାର ସୁରଜ ପ୍ରତି ସେ ପ୍ରକାର ମନୋଭାବ ନାହିଁ। ସେ ଯେଉଁ ଧାରାକୁ ଭଲପାଉଛି ସେହି ଧାରା ଆଉ ଜଣେ ବ୍ୟକ୍ତିର ରକ୍ତକୁ ଗର୍ଭରେ ଧାରଣ କରି ମା' ହେବାକୁ ଯାଉଛି – ଏକଥା ଜାଣି ପାଗଳ ହୋଇଯାଏ ସୁରଜ। ତେବେ ଧାରା ତାକୁ କହେ, ଯଦି ତୁମେ ମୋତେ ସତରେ ଭଲପାଉଛ ତା'ହେଲେ ଏଠୁ ସବୁଦିନ ଲାଗି ଚାଲିଯାଅ। ସୁରଜ ହୃଦୟରେ ଭଲପାଉଥିଲା ଧାରାକୁ। ସେ ଚାଲିଯାଏ। ମାତ୍ର ଯିବା ପୂର୍ବରୁ କହିଯାଏ ଯଦି ତା' ଭଲପାଇବା ସତ ତା'ହେଲେ ତା'ପାଖକୁ ଦିନେ ନା ଦିନେ ଧାରାକୁ ଆସିବା ପାଇଁ ପଡ଼ିବ। ଦିନେ ନା ଦିନେ ସେମାନଙ୍କର ଭେଟ ହେବ। ଅପରପକ୍ଷରେ, ଯେଉଁ ଭାଇ ପାଇଁ ଧାରା କୁଆଁରୀ ଥାଇ ବି ଗୋଟେ ପିଲାକୁ ଗର୍ଭରେ ଧାରଣ କଲା ସେଇ ଭାଇ ତାକୁ ଭୁଲ୍ ବୁଝେ। ଅପବାଦ ଦିଏ।

ଏହା ପରେ କ'ଣ ହୁଏ ଧାରାର ଅବସ୍ଥା? ଧାରାକୁ କ'ଣ ସମାଜରେ ସ୍ଥାନ ମିଳେ? ତା' ତ୍ୟାଗକୁ କ'ଣ ତା'ର ବାପାଭାଇ ବୁଝିପାରନ୍ତି? ପୁଣି ସୁରଜ କହିଥିବା କଥା କ'ଣ ସତହୁଏ? ସୁରଜ ତା' ପ୍ରେମକୁ ପାଏ? ଏମିତି ଅନେକ ପ୍ରଶ୍ନର ଉତ୍ତର ରହିଛି ନାଟକ 'କାହାଣୀ କହୁଛି ସୂର୍ଯ୍ୟମନ୍ଦିର'। ବଙ୍କିମ ସ୍ୱାଇଁଙ୍କ ପରିଚାଳିତ 'ଅପେରା ସୂର୍ଯ୍ୟମନ୍ଦିର' ପ୍ରଯୋଜିତ ଏହି ନାଟକଟିକୁ ରଚନା କରିଛନ୍ତି ଲିଲି ଦାଶ। ନାଟକଟିର ଅନ୍ତଃସ୍ୱର ମୁଖ୍ୟତଃ ପ୍ରେମ ହୋଇଥିବା ବେଳେ ନାଟକଟିର ପୃଷ୍ଠଭୂମି ଭାବରେ ନିଆଯାଇଛି କୋଣାର୍କ ମନ୍ଦିରକୁ। କୋଣାର୍କ କେବଳ ଗୋଟେ ପଥରର ସ୍ଥାପତ୍ୟ ନୁହେଁ। ଏହା ଅନେକ ଅକୁହା କଥାର ଗନ୍ତାଘର। ସେମିତି ଏକ ଅକୁହା କଥା ହେଉଛି ଲିଲି ଦାଶଙ୍କ ରଚିତ ନାଟକ 'କାହାଣୀ କହୁଛି ସୂର୍ଯ୍ୟମନ୍ଦିର'। ଏହାର ନାୟକ ଓ ନାୟିକା ଭୂମିକାରେ ଅଭିନୟ କରିଛନ୍ତି ବିନୋଦ ଓ ବେବିନା।


ବିନୋଦ-ବେବିନା

# ସମସ୍ତେ ଆକ୍ରାନ୍ତ




ସୋସିଆଲ ମିଡିଆ ଆଉ ଏକ ଅପରିଚିତ ଶବ୍ଦ ନୁହେଁ। ବୟସ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଏହି ସୋସିଆଲ ମିଡିଆର କୌଣସି ନା କୌଣସି ବିଭାଗ ସହିତ ସମ୍ପୃକ୍ତ। ତାହା ଫେସ୍‌ବୁକ୍ ହେଉ କି ଟୁଇଟର, ହ୍ୱାଟ୍ସଆପ୍, ଟିକ୍‌ଟକ୍। ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏମିତି ମଣିଷଟେ ମିଳିବ ନାହିଁ ଯିଏ ପରୋକ୍ଷ ହେଉ କି ପ୍ରତ୍ୟକ୍ଷ ଭାବରେ ସୋସିଆଲ ନେଟ୍‌ୱର୍କିଂରେ ଆକ୍ରାନ୍ତ ନୁହେଁ। ଏହାର କାରଣ ସମ୍ପର୍କରେ କୁହାଯାଇଛି ଯେ, ଜଗତୀକରଣର ପ୍ରଭାବ ସାଙ୍ଗକୁ ପ୍ରଯୁକ୍ତି ଜ୍ଞାନକୌଶଳର ସହଜଲଭ୍ୟତା ଏଥିପାଇଁ ଦାୟୀ। ବିଶ୍ୱ କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି। କେହି ଏବେ କାହାରି ନିକଟରେ ଅପରିଚିତ ନୁହନ୍ତି। ସେହିଭଳି କୌଣସି ବି ସ୍ଥାନ ଆଉ ଅପହଞ୍ଚ ହୋଇ ରହିନାହିଁ। ଅଧ୍ୟୟନକାରୀ ଦଳ କହିଛନ୍ତି ଯେ, ଆଜିର ବିଶ୍ୱରେ ଆମେ ଏମିତି ଜଣେ ବି ବ୍ୟକ୍ତି ପାଇବା ନାହିଁ, ଯିଏ ଫେସ୍‌ବୁକ୍ ପ୍ରେମରେ ପଡ଼ି ନ ଥିବ। ଟୁଇଟର ହେଉ କି ଗୁଗଲ୍, ପୁଣି ଲିଙ୍କ୍‌ଡ୍ ଇନ୍ ଆଦି ଦିନକୁ ଦିନ ବିଶ୍ୱକୁ କବଳିତ କରି ଚାଲିଛନ୍ତି। ଆଉ ଏହା କବଳରେ ସମସ୍ତେ ଆକ୍ରାନ୍ତ ହୋଇ ଚାଲିଛନ୍ତି।

ବ୍ୟାକ୍ ପେଜ୍




# ଚଢ଼େଇଙ୍କ ସଙ୍ଗୀତ ପ୍ରତିଯୋଗିତା

ସଙ୍ଗୀତ ପ୍ରତିଯୋଗିତା ତ ଦେଖିଥିବେ, ଆଉ ତା'ର ଆନନ୍ଦ ବି ଉଠାଇଥିବେ। ତେବେ ଥାଇଲାଣ୍ଡରେ ଏମିତି ଏକ ସଙ୍ଗୀତ ପ୍ରତିଯୋଗିତା ହୁଏ, ଯାହାକି ସବୁ ସଙ୍ଗୀତ ପ୍ରତିଯୋଗିତାଠୁ ଭିନ୍ନ। ଏଠି ପ୍ରତିଯୋଗୀ ମଣିଷ ନୁହନ୍ତି ବରଂ ଚଢ଼େଇ ସାଜିଥାଆନ୍ତି। ପକ୍ଷୀଙ୍କ ବୁଦ୍ଧିମତ୍ତା ଓ ଗୀତ ଗାଇବାର ଶୈଳୀକୁ ଆଧାରକରି ନମ୍ବର ଦିଆଯାଏ। ଏହି ନିଆରା ସଙ୍ଗୀତ ପ୍ରତିଯୋଗିତା ଥାଇଲାଣ୍ଡର ନାରଥିୱାଟରେ ଆୟୋଜନ ହୋଇଥାଏ। ଉକ୍ତ ପ୍ରତିଯୋଗିତାରେ ଥାଇଲାଣ୍ଡ ବ୍ୟତୀତ ସିଙ୍ଗାପୁର ଓ ମାଲେସିଆର ୧୮୦୦ରୁ ଊର୍ଦ୍ଧ୍ୱ ଚଢ଼େଇ ଅଂଶ ଗ୍ରହଣ କରନ୍ତି। ପକ୍ଷୀମାନଙ୍କ ମାଲିକ ୪ ମାସ ପୂର୍ବରୁ ଏହି ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତି। ପ୍ରତିଯୋଗିତାରେ ବୁଲ୍‌ବୁଲ୍, ଶୁଆ, ପାରା ଓ ଅନ୍ୟ ଛୋଟ ଚଢ଼େଇ ଭାଗ ନିଅନ୍ତି। ଏଥିରେ ଚାରୋଟି ରାଉଣ୍ଡ ଥାଏ। ପ୍ରତି ରାଉଣ୍ଡରେ ପକ୍ଷୀମାନଙ୍କୁ ଅତି କମ୍‌ରେ ତିନି ଥର ୨୫ ସେକେଣ୍ଡ ପର୍ଯ୍ୟନ୍ତ ଗାଇବାକୁ ହୋଇଥାଏ। ପ୍ରତିଯୋଗିତାରେ ପକ୍ଷୀଙ୍କୁ ୧୫ ଫୁଟ ଖମ୍ବ ଉପରେ ପିଞ୍ଜରାରେ ରଖି ଝୁଲାଇ ଦିଆଯାଇଥାଏ। ଏହାପରେ ଗୋଟିଏ ପରେ ଗୋଟିଏ ଚଢ଼େଇକୁ ତଳକୁ ଆଣି ଗୀତ ଗାଇବାକୁ କୁହାଯାଏ। ଜଜ୍ ସବୁ ଚଢ଼େଇଙ୍କ ଗୀତ ଶୁଣି ନମ୍ବର ଦିଅନ୍ତି। ଯେଉଁ ଚଢ଼େଇକୁ ବେଶି ନମ୍ବର ମିଳେ ସେ ବିଜେତା ହୁଏ। ଆଉ ତାକୁ ପୁରସ୍କାର ମିଳେ।




# ଦ୍ୱୀପରେ ବରଫର ଅଣ୍ଡା

ପୃଥିବୀରେ ଅନେକ ଅଜବ ଦ୍ୱୀପ ରହିଛି। ଆଉ ସେଥିମଧ୍ୟରୁ କେତେକ ସମ୍ପର୍କରେ ଜାଣିଥିବେ ମଧ୍ୟ। ତେବେ ନିକଟରେ ଫିନ୍‌ଲାଣ୍ଡ ବୁଲିବାକୁ ଯାଇଥିବା ଏକ ଦମ୍ପତି ସେଠାକାର ହୈଏକ ଲୁଆତୋ ଦ୍ୱୀପର ମାର୍ଜନେମି ବେଳାଭୂମିରେ ଦେଖିବାକୁ ପାଇଥିଲେ କିଛି ଆଶ୍ଚର୍ଯ୍ୟଜନକ ଦୃଶ୍ୟ। ବେଳାଭୂମିରେ ବିଛେଇହୋଇ ପଡ଼ି ରହିଥିଲା ଅଣ୍ଡା ଆକୃତିର ବରଫ। ତାହା ପୁଣି ତଟଦେଶରୁ ୩୦ ମିଟର ପର୍ଯ୍ୟନ୍ତ ବ୍ୟାପିରହିଥିଲ। ଇଣ୍ଡିପେଣ୍ଡେଣ୍ଟ.ୟୁକେ ଅନୁଯାୟୀ, ରିସ୍ତୋ ମତିଲା ନାମ୍ନୀ ମହିଳା ଏହି ଫଟୋ ଉତ୍ତୋଳନ କରିଛନ୍ତି। ମତିଲାଙ୍କ ଅନୁସାରେ ସେଠାରେ ଥିବା ସବୁଠାରୁ ବଡ଼ ବରଫ ଅଣ୍ଡାର ଆକାର ଏକ ଫୁଟବଲ୍ ପରି ଥିଲା। ଉକ୍ତ ଫଟୋକୁ ଦେଖି ଫିନ୍‌ଲାଣ୍ଡ ପାଣିପାଗ ବୈଜ୍ଞାନିକ କହନ୍ତି, ''ଏହି ଘଟଣା ସାମାନ୍ୟ ନୁହେଁ।'' ପାଣିପାଗ ବୈଜ୍ଞାନିକ ଜୌନି ୱେନିୟୋ କହନ୍ତି, ''ଏହା ମଜାର କଥା ନୁହେଁ, ବରଂ ଚିନ୍ତାର ବିଷୟ ।'' ଇଲିନୋୟିସ୍ ଷ୍ଟେଟ ୟୁନିଭର୍ସିଟିରେ ଭୂଗୋଳ–ଭୂବିଜ୍ଞାନର ପ୍ରଫେସର ଡ. ଜେମ୍ସ କାର୍ଟର କହନ୍ତି, ''ପତ୍ରଝଡ଼ା ସମୟରେ ଯେବେ ପାଣିର ଉପର ସ୍ତରରେ ବରଫ ଜମାଟ ବାନ୍ଧିବା ଆରମ୍ଭ ହୁଏ ଏବଂ ସେହି ସମୟରେ ଲହଡ଼ି ଆସିଲେ ଏଭଳି ହେବା ସମ୍ଭାବନା ରହିଥାଏ।''



# ଟଏଲେଟ୍ ସିଟ୍‌ରେ ତିଆରି ଗୋଲାପ କଷ୍ଟ୍ୟୁମ

ଫୁଲ ଭିତରେ ଗୋଲାପର ସୌନ୍ଦର୍ଯ୍ୟ ଓ ଆକର୍ଷଣ ଭିନ୍ନ। ସେଇଥିପାଇଁ ବୋଧେ ଜେନେଭା କୋଲିୟର ନାମ୍ନୀ ମହିଳା ତିଆରି କରିଛନ୍ତି ଏକ ଆକର୍ଷକ ରୋଜ୍ କଷ୍ଟ୍ୟୁମ୍ ବା ଗୋଲାପର ପୋଷାକ। ଉକ୍ତ କଷ୍ଟ୍ୟୁମକୁ ପିନ୍ଧି ଜେନେଭା ପୂରାପୂରି ଏକ ତାଜା ଗୋଲାପ ଫୁଲ ପରି ଦେଖାଯାଆନ୍ତି। ଏହି କଷ୍ଟ୍ୟୁମରେ ଥିବା ପାଖୁଡ଼ାଗୁଡ଼ିକ ଖୋଲିପାରେ ଓ ବନ୍ଦ ହୋଇପାରେ ମଧ୍ୟ। ତେବେ ଉକ୍ତ କଷ୍ଟ୍ୟୁମକୁ ସେ କେଉଁଥିରେ ତିଆରି କରିଛନ୍ତି, ଜାଣିଲେ ଆଶ୍ଚର୍ଯ୍ୟ ହେବେ। କଷ୍ଟ୍ୟୁମ ପାଇଁ ସେ ଫୋମ୍ ଓ ଟଏଲେଟ୍ ସିଟ୍ ବ୍ୟବହାର କରିଛନ୍ତି। ଏହାକୁ ତିଆରି କରିବା ପାଇଁ ତାଙ୍କୁ ୨୬ ଦିନ ଲାଗିଥିଲା।

